ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.186 Bhubaneswar Wednesday, September 08, 2021 | ୨୪ତମ ବର୍ଷ ସଂଖ୍ୟା–୧୮୬ ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୦୮, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS



ନୂଆଦିଲ୍ଲୀଠାରେ କେନ୍ଦ୍ର ସଂସ୍କୃତି, ପର୍ଯ୍ୟଟନ ଏବଂ ଉତ୍ତର ପୂର୍ବାଞ୍ଚଳ ବିକାଶ ମନ୍ତ୍ରୀ ଜି. କିଶନ ରେଡ୍ଡୀ, ଉତ୍ପଳ କେ. ବାନାର୍ଜୀଙ୍କ ପୁସ୍ତକ 'ଗୀତ ଗୋବିନ୍ଦ' ଜୟଦେବଙ୍କ ଈଶ୍ୱରୀୟ ଓଡ଼ିଆ ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ବୋଧନ ଦେଉଛନ୍ତି

## ମୁଖ୍ୟମନ୍ତ୍ରୀଙ୍କ କୋଭିଡ ସମୀକ୍ଷା : ପର୍ବପର୍ବାଣୀ ସମୟରେ ଆମର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ତୃତୀୟ ଲହରକୁ ନିୟନ୍ତ୍ରଣ କରିବ :ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୯(ପି.ଏନ): ଆମେରିକା ଠାରୁ ଆରମ୍ଭ କରି କେରଳ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କରୋନା ସଂକ୍ରମଣ ବଢିବା ଚିନ୍ତାଜନକ ହୋଇଛି। ତେଣୁ ଏ ପରିସ୍ଥିତିରେ ଆମକୁ ସମ୍ଭାବ୍ୟ ତୃତୀୟ ଲହର ଠାରୁ ନିରାପଦ ରହିବାକୁ ହେଲେ, କୋଭିଡ ନିୟମକୁ କଡାକଡି ଭାବରେ ପାଳନ କରିବାକୁ ହେବ। ଏଥିରେ ସାମାନ୍ୟ ଅବହେଳା ସମସ୍ତଙ୍କ ପାଇଁ ବିପଦର କାରଣ ହୋଇପାରେ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର କୋଭିଡ ପରିସ୍ଥିତି ସମୀକ୍ଷା କରି ଏହା କହିଛନ୍ତି। କୋଭିଡ ବିରୁଦ୍ଧରେ ଲଢିବା ପାଇଁ କୋଭିଡ୍ ଆଚରଣ ବିଧି ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର । ପିଲାମାନେ ଏପର୍ଯ୍ୟନ୍ତ ଟିକା ନେଇନାହାନ୍ତି ।ତେଣୁ ସେମାନଙ୍କ ପାଇଁ ଆମକୁ ଅଧିକ ସତର୍କ ରହିବାକୁ ହେବ। କୋଭିଡ ନିୟମ ପାଳନରେ ଅବହେଳା ଯଦି ଦୃଷ୍ଟିକୁ ଆସେ, ତେବେ ଅନୁଷ୍ଠାନର ମୁଖ୍ୟ ଦାୟୀ ରହିବେ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଥିଲେ । ପ୍ରଶାସନ ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରି ଶିକ୍ଷାନୁଷ୍ଠାନ ଗୁଡିକ ନିୟମିତ ଭାବରେ ଅଚାନକ ଯାଂଚ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।ସେହିପରି ହାଟ ବଜାର, ଧର୍ମାନୁଷ୍ଠାନ, ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଆଦି ଗୁଡିକ ଉପରେ ସତର୍କ ଦୃଷ୍ଟି ରଖିବା ସହିତ ସେଠାରେ କୋଭିଡ ନିୟମ କଡାକଡି ପାଳନ ଉପରେ ପ୍ରଶାସନ ଦୃଷ୍ଟି ରଖିବା ଉପରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସ୍ୱାସ୍ଥ୍ୟକର୍ମୀ, ସ୍କୁଲ ଯାଉଥିବା ପିଲା, ଗର୍ଭବତୀ ମହିଳା, ସରକାରୀ କର୍ମଚାରୀ ଏବଂ ପୋଲିସ – ଏହି ହାଇ ରିସ୍କ ଗ୍ରୁପ୍ ର ନିୟମିତ ଭାବରେ ଟେଷ୍ଟିଂ ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏବେ କେତେକ କ୍ଷେତ୍ରରେ ସ୍ୱାସ୍ଥ୍ୟକର୍ମୀଙ୍କ ଭିତରେ ସଂକ୍ରମଣ ନଜରକୁ ଆସୁଛି। ତେଣୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ କାମ କରୁଥିବା ସ୍ୱାସ୍ଥ୍ୟକର୍ମୀ ଓ ନମୁନା ସଂଗ୍ରହ କରୁଥିବା ଟିମ୍ ମାନଙ୍କୁ କୋଭିଡ ନିୟମ ସଂପର୍କରେ ବାରମ୍ବାର ସଚେତନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହାସହିତ ଡେଲ୍‌ଟା ଭାରିଏଂଟ ଅଧିକ ସଂକ୍ରମଣ କରୁଥିବାରୁ ମାଇକ୍ରୋ କଂଟେନମେଂଟ ଜୋନ୍ କରି ନିରନ୍ତର ଦୃଷ୍ଟି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।ଯୋଗାଣରେ ବୃଦ୍ଧି ଘଟିଥିବାରୁ ଟିକାକରଣରେ ମଧ୍ୟ ଉନ୍ନତି ଆସିଛି । ତେଣୁ ଯେପରି ସବୁ ଲୋକ ତାଙ୍କର ଦୁଇଟି ଯାକ ଡୋଜ ନିଶ୍ଚିତ ନେବେ, ତାହା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଗକୁ ପାର୍ବଣ ଋତୁ ଆସୁଛି । କେରଳରେ ଓନାମ୍ ପର୍ବ ପାଳନ ପରେ ପରେ ସଂକ୍ରମଣ ବୃଦ୍ଧିର ଉଦାହରଣ ଦେଇ ପାର୍ବଣ ସମୟରେ ସମସ୍ତଙ୍କୁ ଅଧିକ ସତର୍କ ରହିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ପରିସ୍ଥିତିର ଗୁରୁତ୍ୱକୁ ଉପଲବ୍ଧି କରିବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ଏହାଦ୍ୱାରା ଆମେ ଭବିଷ୍ୟତରେ ଲକ୍‌ଡାଉନକୁ ଏଡାଇ ପାରିବା ଏବଂ ଲୋକଙ୍କ ଆର୍ଥିକ ଅବସ୍ଥାରେ କ୍ଷତି ହେବ ନାହିଁ ।ପାର୍ବଣ ଋତୁ ସମୟରେ ଆମର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ହିଁ ତୃତୀୟ ଲହରକୁ ନିୟନ୍ତ୍ରଣ କରିବା ପାଇଁ ନିର୍ଣ୍ଣାୟକ ହେବ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ମାସ୍କ ପିନ୍ଧିବା, ହାତ ଧୋଇବା, ସାମାଜିକ ଦୂରତା ରକ୍ଷା କରିବା ଏବଂ ଭିଡକୁ ନ ଯିବା ପାଇଁ ଅନୁରୋଧ କରିଥିଲେ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବର୍ତମାନ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଲକ୍‌ଡାଉନ କୋହଳ କରାଯାଇଛି। କିନ୍ତୁ ତାର ଅର୍ଥ ନୁହେଁ ଯେ ଆମେ ନିୟମ ପାଳନରେ ଢିଲା କରିବା। ତେଣୁ ଯଦି ଆବଶ୍ୟକ ପଡେ, ସାମୁହିକ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ପୁଣି ଥରେ ଲକ୍‌ଡାଉନ ପାଇଁ ବାଧ ହେବେ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରିଦେଇଥିଲେ ।ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ୫–ଟି ଭି.କେ. ପାଣ୍ଡିଆନ , ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର , ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର , ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ , ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ , ଉନ୍ନୟନ କମିଶନର ଓ ବିଭିନ୍ନ ବିଭାଗର ସଚିବ , ବି.ଏମ୍.ସି ଏବଂ ସି.ଏମ୍.ସିର କମିଶନର, ଦେବଗଡ ଓ ପୁରୀର ଜିଲ୍ଲାପାଳମାନେ ଉପସ୍ଥିତ ଥିଲେ।

## ମୋ ସାଇକେଲ ଚୋରି ହୋଇନିକି କି କବାଡ଼ିଆଙ୍କୁ ବିକ୍ରି ହୋଇନି : ମନ୍ତ୍ରୀ

ଭୁବନେଶ୍ୱର, ୭।୯(ପି.ଏନ): ୨୦୧୮ରେ ଭୁବନେଶ୍ୱର ସ୍ମାର୍ଟ ସିଟି ମିଶନ ଅନ୍ତର୍ଗତ ମୋ ସାଇକେଲ ଯୋଜନାରେ ୨୦୦୦ ସାଇକେଲ କିଣାଯାଇଥିଲା। ୩ ଟି ସଂସ୍ଥା ଠାରୁ ସରକାର ଗୋଟା ପିଛା ୨୫ ହଜାର ଟଙ୍କା ଦରରେ ଏହି ସାଇକେଲ କିଣିଥିଲେ। ବର୍ତମାନ ସେଥିମଧ୍ୟରୁ ହଜାରେ ଟି ସାଇକେଲ କାର୍ଯ୍ୟକ୍ଷମ ଥିବା ବେଳେ ବାକି ହଜାରେ ସାଇକେଲର ମରାମତି ଓ ରକ୍ଷଣାବେକ୍ଷଣା ଚାଲିଛି। ୨ ଟି ସଂସ୍ଥାକୁ ସାଇକେଲର ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି ଏବଂ ଏଥିପାଇଁ ୬୦ ଲକ୍ଷ ଖର୍ଚ୍ଚ ହୋଇଛି। କୌଣସି ସାଇକେଲ ଚୋରି ହୋଇନିକି କି କବାଡ଼ିଆଙ୍କୁ ବିକ୍ରି କରାଯିବାର ତଥ୍ୟ ହସ୍ତଗତ ହୋଇନି ବୋଲି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ବିଧାନସଭାରେ ଜଣାଇଛନ୍ତି। କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ମୋ ସାଇକେଲ ସମ୍ପର୍କିତ ପ୍ରଶ୍ନର ଉତରରେ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି।

### ହଟ୍ଟଗୋଳ ପାଇଁ ଗୃହକୁ ଦଶ ମିନିଟ ପାଇଁ ମୁଲତବୀ କଲେ ବାଚସ୍ପତି

ଭୁବନେଶ୍ୱର, ୭।୯(ପି.ଏନ): ପ୍ରଶ୍ନୋତର କାର୍ଯ୍ୟକ୍ରମ ସରିବା ମାତ୍ରେ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ଦୁର୍ଗା ପୂଜାକୁ ସଠିକ ଭାବେ ପାଳନ କରିବାକୁ ଅନୁମତି ଦେବାକୁ ଦାବି କରିଥିଲେ। ସେହିପରି ବିଜେପି ବିଧାୟକ ମାନେ ମଧ୍ୟ କିଛି କହିବାକୁ ଚାହିଁଥିଲେ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ରଙ୍କୁ କହିବାକୁ ଡାକିଥିଲେ। ଶ୍ରୀ ମିଶ୍ର କହିବାକୁ ଯାଉଥିବା ବେଳେ ପାଟିତୁଣ୍ଡ ହୋଇଥିଲା। ବାଚସ୍ପତି କହିଥିଲେ ଯେ ଆଜି ଶୂନ୍ୟକାଳ ନାହିଁ। ବିଧାନସଭାର କାର୍ଯ୍ୟ ପରାମର୍ଶଦାତା ସମିତିରେ ଏ ନେଇ ନିଷ୍ପତି ହୋଇଥିଲା। ଏହା ଶୁଣି ବିଜେପି ବିଧାୟକ ମାନେ ଗୃହର ମଧ୍ୟ ଭାଗକୁ ଆସି ହୋ ହାଲ୍ଲା କରିଥିଲେ। ଫଳରେ ବାଚସ୍ପତି ଗୃହକୁ ଦଶ ମିନିଟ ପାଇଁ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ।

### ବିଧାନସଭାରେ ଦୁର୍ଗା ପୂଜାକୁ ଠିକ ଭାବେ ପାଳନ କରିବାକୁ ଦାବି

ଭୁବନେଶ୍ୱର, ୭।୯(ପି.ଏନ): କରୋନା ନାମରେ ଚଳିତ ବର୍ଷ ମଧ୍ୟ ମା ଦୁର୍ଗାଙ୍କ ପ୍ରତିମୂର୍ତ୍ତିକୁ ଚାରିଫୁଟ ମଧ୍ୟରେ ରଖିବା ଓ ବିନା ଭକ୍ତରେ ପୂଜା କରା ଯିବାକୁ ରାଜ୍ୟ ସରକାରଙ୍କ ଦ୍ୱାରା ଜାରୀ କରା ଯାଇଥିବା ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରି ସଠିକ ଭାବେ କରୋନା କଟକଣା ମଧ୍ୟରେ ପୂଜା ପାଳନ କରିବାକୁ ବିଧାନସଭାରେ ଦାବି ହୋଇଛି। ବିଧାନସଭାରେ ଏହି ପ୍ରଶ୍ନ ଉଠାଇ କଟକ ବାରବାଟି ବିଧାୟକ ମୋହମ୍ମଦ ମୋକିମ କହିଛନ୍ତି ଯେ କଟକ ଶହର ହଜାରେ ବର୍ଷ ପୁରୁଣା ସହର । କେବଳ କଟକ ନୁହେଁ ରାଜ୍ୟର ବିଭିନ୍ନ ଅଂଚଳରେ ଦୁର୍ଗା ପୂଜା ଧୁମଧାମରେ ପାଳନ ହୋଇଥାଏ। ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ଦୁର୍ଗା ପୂଜାକୁ ନେଇ ଯେଉଁ ଗାଇଡଲାଇନ ଜାରୀ କରା ଯାଇଛି ତାହା ଧର୍ମୀୟ ଭାବନାକୁ ଆଘାତ ଦେଉଛି। ଏହାକୁ ପ୍ରତ୍ୟାହାର କରି କରୋନା କଟକଣା ମଧ୍ୟରେ ଦୁର୍ଗାପୂଜା ପାଳନ କରିବାକୁ ଅନୁମତି ଦେବାକୁ ବାଚସ୍ପତି ରୁଲିଂ ଦେବା ପାଇଁ ସେ ଦାବି କରିଥିଲେ । କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ମଧ୍ୟ ଏହି ପ୍ରଶ୍ନ ଉଠାଇଥିଲେ।

### ମୂର୍ତ୍ତି ଉଚ୍ଚତା ବିବାଦକୁ ନେଇ ବୈଠକ ଡାକିଲେ ସରକାର

ଭୁବନେଶ୍ୱର, ୭।୯(ପି.ଏନ): ପୂଜାରେ ମୂର୍ତ୍ତି ଉଚ୍ଚତା ପ୍ରସଙ୍ଗ ନେଇ ଆସନ୍ତାକାଲି (ବୁଧବାର) ବୈଠକ ଡାକିଛନ୍ତି ରାଜ୍ୟ ସରକାର। ବୈଠକରେ କଟକ ଶାନ୍ତି କମିଟି ଓ ପୂଜା କମିଟି ସଦସ୍ୟଙ୍କୁ ଆମନ୍ତ୍ରଣ କରାଯାଇଛି। ମୁଖ୍ୟ ଶାସନ ସଚିବ ଓ ଏସଆରସିଙ୍କ ସହ ବୈଠକ ପାଇଁ ଡାକରା।

## ଗୋଟିଏ ଦିନରେ ୬୩୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୭।୯(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୬୩୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୧୨୮୦୫ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୯୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୯୯୭୭୯୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୬୯୦୦ ରହିଛି। ଆଜି ଚିହ୍ନଟ ହୋଇଥିବା ୬୦୯ ଜଣଙ୍କ ମଧ୍ୟରୁ ୩୭୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୬୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୪୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୩ ଜଣ, ବରଗଡ଼ରୁ ୭ ଜଣ, ଭଦ୍ରକରୁ ୧୮୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ବୌଦ୍ଧ ଜିଲ୍ଲାରୁ ୧, କଟକରୁ ୬୬, ଦେବଗଡ ଜିଲ୍ଲାରୁ ୩ ଜଣ, ଢେଙ୍କାନାଳ ଜିଲ୍ଲାରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଞ୍ଜାମରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୨ ଜଣ, ଯାଜପୁରରୁ ୩୨ ଜଣ, ଝାରସୁଗୁଡ଼ାରୁ ୨ ଜଣ ସଂକ୍ରମିତ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୧୫ ଜଣ, କେନ୍ଦୁଝରରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୪୫ ଜଣ, କୋରାପୁଟରୁ ୩, ମାଲକାନଗିରି ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୨ ଜଣ, ନବରଙ୍ଗପୁରରୁ ୪, ନୟାଗଡ଼ରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୧୮ ଜଣ, ରାୟଗଡ଼ାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୪ ଜଣ, ସୋନପୁରରୁ ୨, ସୁନ୍ଦରଗଡ଼ରୁ ୧୫ ଜଣ ଓ ଷ୍ଟେଟ୍ ପୁଲରୁ ୫୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ପୌର ନିର୍ବାଚନ ବାଟ ଫିଟିଲା : ପୌର ସଂଶୋଧନ ବିଲ୍ ପାରିତ

ଭୁବନେଶ୍ୱର, ୭।୯(ପି.ଏନ): ବିଧାନସଭାରେ ମଙ୍ଗଳବାର ମ୍ୟୁନିସିପାଲ ଆଇନ ସଂଶୋଧନ ବିଲ୍ ୨୦୨୧ ପାରିତ ହୋଇଛି। ବିଲ ଅନୁଯାୟୀ ଓଡ଼ିଶା ପୌର ବିଧି ସଂଶୋଧନ ବିଧେୟକରେ ଅନୁସୂଚିତ ଜାତି ଓ ଜନଜାତି ଓ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ୫୦ ପ୍ରତିଶତ ଭିତରେ ରହିବ। ଅର୍ଥାତ ସଂରକ୍ଷଣ ବ୍ୟବସ୍ଥା ୫୦ ପ୍ରତିଶତ ଅତିକ୍ରମ କରିବ ନାହିଁ। ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ଭିତରେ ସଂରକ୍ଷଣ ବ୍ୟବସ୍ଥା ରହିବ। ଏହି ସଂଶୋଧିତ ଆଇନ ଅନୁସାରେ ପ୍ରଥମେ ଅନୁସୂଚିତ ଜାତି ଓ ଜନଜାତିଙ୍କୁ ଆବଶ୍ୟକ ସଂଖ୍ୟକ ଆସନ ସଂରକ୍ଷଣ ଦେବା ପରେ ଅବଶିଷ୍ଟ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ରଖାଯିବ, ଯାହାକି ୨୭ ପ୍ରତିଶତରୁ ଅଧିକ ହେବନାହିଁ। ଏହି ବିଲ୍ ପାରିତ ହେବା ପରେ ରାଜ୍ୟରେ ପୌର ନିର୍ବାଚନ ନେଇ ବାଟ ଫିଟିଛି।

## ୨ ସ୍କୁଲର ୩୪ ପିଲା ସଂକ୍ରମିତ , ୭ ଦିନ ପାଇଁ ସ୍କୁଲ ବନ୍ଦ

ଭୁବନେଶ୍ୱର, ୭।୯(ପି.ଏନ): ସ୍କୁଲରେ ୩୪ ଶିଶୁ ସଂକ୍ରମିତ ହେବା ଖବର ଆସିବା ପରେ ରାଜ୍ୟର ୨ ଟି ସ୍କୁଲକୁ ୭ ଦିନ ପାଇଁ ବନ୍ଦ କରି ଦିଆଯାଇଛି। ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଏହି ସୂଚନା ଦେଇଛନ୍ତି। କାମାକ୍ଷାନଗରର ଏକ ସରକାରୀ ସ୍କୁଲରେ ଜଣେ ଶିକ୍ଷକ ପଜିଟିଭ ବାହାରି ଥିଲେ। ହଷ୍ଟେଲ ପିଲାଙ୍କୁ ଟେଷ୍ଟ ପରେ ୧୪ ଜଣଙ୍କର ନମୁନା ପଜିଟିଭ୍ ଚିହ୍ନଟ ହୋଇଥିଲା । ପରେ ସେ ସ୍କୁଲକୁ ବନ୍ଦ କରାଯାଇଛି । ଗଣେଶ ପୂଜା ପରେ ୧୩ ତାରିଖରେ ସେ ସ୍କୁଲ ଖୋଲିବ। ସେହିପରି ବରଗଡ ଘରୋଇ ସ୍କୁଲରେ ମଧ୍ୟ ୨୧ ଜଣ ପିଲା ସଂକ୍ରମଣ ହୋଇଛନ୍ତି। ସେ ସ୍କୁଲ ମଧ୍ୟ ବନ୍ଦ କରିଦିଆଯାଇଛି। ତେବେ ଏ ନେଇ ଆତଙ୍କିତ ହେବାର ଆବଶ୍ୟକତା ନାହିଁ, କରୋନା କଟକଣା ମାନି ଶିକ୍ଷାଦାନ ଚାଲିଛି । ଯେଉଁଠି ସମସ୍ୟା ଆସୁଛି ସେଠି ପଦକ୍ଷେପ ନିଆଯାଉଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ଖୋଲିବା ନେଇ କୌଣସି ନିଷ୍ପତି ହୋଇନଥିବା ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି ।

## ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତଙ୍କୁ ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୭।୯(ପି.ଏନ): ଟୋକିଓରେ ପାରାଲିମ୍ପିକ୍ସ ବ୍ୟାଡ଼ମିଂଟନ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତା ଓଡିଶାର ପ୍ରମୋଦ ଭଗତଙ୍କୁ ମଙ୍ଗଳବାର ନୂଆଦିଲ୍ଲୀ ସ୍ଥିତ ସରକାରୀ କାର୍ଯ୍ୟାଳୟରେ ଭେଟି ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଏ ନେଇ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଯେ ଟୋକିଓରେ ପାରାଲିମ୍ପିକ୍ସରେ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଓଡ଼ିଶାର ପ୍ରମୋଦ ଭଗତଙ୍କୁ ନିଜ କାର୍ଯ୍ୟାଳୟରେ ଭେଟି ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କଲି । ଟୋକିଓରେ ପ୍ରମୋଦ ଭଗତଙ୍କ ସମେତ ଆମର ପାରା–ଅଲିମ୍ପିଆନଙ୍କ ପ୍ରଦର୍ଶନ ସମଗ୍ର ଦେଶକୁ ପ୍ରେରଣା ଦେଇଛି। ଏହି ସଫଳତା ଆମ ଦେଶ ବିଶେଷ ଭାବରେ ଓଡ଼ିଶାର ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି କରିବ ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି । ସୂଚନାଯୋଗ୍ୟ, ଗତ ଶନିବାର ପାରାଲିମ୍ପିକ୍ସରେ ପ୍ରମୋଦ ଭଗତ ସ୍ୱର୍ଣ୍ଣ ପଦକ ପାଇବା ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ତାଙ୍କ ସହ ଭିଡ଼ିଓ କନଫରେନ୍ସିଂ ଜରିଆରେ କଥା ହୋଇ ଅଭିନନ୍ଦନ ଜଣାଇଥିଲେ। ବିଶ୍ୱ ଚାମ୍ପିୟନ ଏବଂ ଦେଶର ସର୍ବୋତମ ପାରା ବ୍ୟାଡମିଂଟନ ଖେଳାଳି ପ୍ରମୋଦଙ୍କ ପାଇଁ ଆମେ ସମସ୍ତେ ଗର୍ବିତ। ପାରାଲିମ୍ପିକ୍ସରେ ତାଙ୍କର ସ୍ୱର୍ଣ୍ଣିମ ପଦକ ବିଜୟ ପ୍ରଦର୍ଶନୀ ଯୁବ ସମାଜକୁ ପ୍ରେରଣା ଯୋଗାଇବ ।

## ୧୧ ସୁଦ୍ଧା ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର, ୭।୯(ପି.ଏନ): ଆସନ୍ତା ୧୧ ତାରିଖ ସୁଦ୍ଧା ଉତର ବଙ୍ଗୋପସାଗରରେ ଏକ ନୂତନ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶା ଏବଂ ଉତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ପ୍ରବଳ ବର୍ଷା ହୋଇପାରେ। ଅପରପକ୍ଷରେ ବଙ୍ଗୋପସାଗରର ଉତ ଉପକୂଳ ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଉପକୂଳ ଓଡ଼ିଶାରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ବର୍ତମାନ ସ୍ପଷ୍ଟ ଚିହ୍ନିତ ହେବା ସହ ଦକ୍ଷିଣ ଓଡ଼ିଶା ଏବଂ ପଡ଼ୋଶୀ ଦକ୍ଷିଣ ଛତିଶଗଡ଼ ଉପରେ ବିସ୍ତାରିତ ହୋଇ ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଆସନ୍ତା ୨୪ ଘଂଟା ମଧ୍ୟରେ ଦକ୍ଷିଣ ଓ ଉତର ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ହାଲୁକା ଏବଂ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ଅଧିକ ରହିଛି ବୋଲି ଆଜି ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ଏକ ସତର୍କ ସୂଚନାରେ କୁହାଯାଇଛି। ଏହି ସମୟ ମଧ୍ୟରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା। ଜଗତସିଂହପୁର, ଅନୁଗୁଳ, ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା, ନବରଙ୍ଗପୁର ଜିଲ୍ଲାର ଗୋଟିଏ ଏକ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।ଲଘୁଚାପ ପ୍ରଭାବରେ, ବଙ୍ଗୋପସାଗରର ଉତର ଉପକୂଳରେ ଘଂଟାପ୍ରତି ୪୦–୫୦ କିଲୋମିଟର ବେଗରେ ପବନ ବହିବା ସହ ସମୁଦ୍ର ଅଶାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ଉପକୂଳବର୍ତୀ ପଶ୍ଚିମ–କେନ୍ଦ୍ରୀୟ ବଙ୍ଗୋପସାଗର କୂଳରେ ରହୁଥିବା ମତ୍ସ୍ୟଜୀବୀଙ୍କୁ ଆସନ୍ତା ୪୮ ଘଂଟା ପାଇଁ ସମୁଦ୍ର ମଧ୍ୟକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି।


MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada







## ଟି ଟାଇମ୍

# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି




ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍‌ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼୍ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଙ୍ଗୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତଫି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ସେପ୍ଟେମ୍ବର ୦୮

# ପାକିସ୍ଥାନରେ ହିନ୍ଦୁ ?



ଦେଶ ବିଭାଜନ ପରେ ପ୍ରାୟ ଏକ କୋଟି ହିନ୍ଦୁ ପାକିସ୍ଥାନ ଛାଡି ଭାରତ ଚାଲିଆସିଲେ ମଧ୍ୟ, ଆହୁରି ଲକ୍ଷ, ଲକ୍ଷ ହିନ୍ଦୁ ପାକିସ୍ଥାନରେ ରହିଗଲେ । ଏହା ମଧ୍ୟରେ ୭୩ ବର୍ଷ ସମୟ ଅତିକ୍ରମ ହୋଇଗଲାଣି । ସେ ଦିନର ପାକିସ୍ଥାନ ଦୁଇଖଣ୍ଡ ହୋଇ ଏକ ସ୍ୱାଧିନ ବଙ୍ଗଳା ଦେଶର ସୃଷ୍ଟି ହୋଇଛି । ସ୍ୱାଧିନତା ବେଳେ ଅବିଭକ୍ତ ପାକିସ୍ଥାନରେ ଶତକଡା ପ୍ରାୟ ୧୩ ହିନ୍ଦୁ ରହୁଥିଲେ, ପୂର୍ବପାକିସ୍ଥାନ ରେ ୨୩ ପ୍ରତିଶତ ଓ ପଶ୍ଚିମ ପାକିସ୍ଥାନ ରେ ୪ପ୍ରତିଶତ ହିନ୍ଦୁ ଥିଲେ । ପାକିସ୍ଥାନର ବିଭାଜନ ପରେ ହିନ୍ଦୁ ସଂଖ୍ୟା କମି ୧.୮ ପ୍ରତିଶତ ହୋଇଗଲା । ଏହି ହ୍ରାସ ବାସ୍ତବ ନୁହେଁ ଏକ ଆପେକ୍ଷିକ । ମାତ୍ର ହିନ୍ଦୁ କଟରପନ୍ଥୀ ମାନେ ଏହି ହ୍ରାସ କୁ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଯୋଗୁ ହୋଇଛି ବୋଲି କହି ହିନ୍ଦୁ ମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛନ୍ତି । ଉଭୟ ଦେଶ ମାନଙ୍କରେ ରାଜନୈତିକ ନେତାମାନେ କ୍ଷମତାରେ ରହିବା ପାଇଁ ସାଂପ୍ରଦାୟିକ ବିଦ୍ୱେଷର ଅନେକ କାହାଣୀ ସୃଷ୍ଟି କରିଛନ୍ତି । ବିଭାଜନ ବେଳୁ ୪.୫ ନିୟୁତ ହିନ୍ଦୁ ପାକିସ୍ଥାନରୁ ଭାରତକୁ ଓ ୬.୫ ନିୟୁତ ମୁସଲମାନ(ହିନ୍ଦୁ ଓ ଶିଖ) ଭାରତରୁ ପାକିସ୍ଥାନକୁ ପଳାଇ ଯାଇଥିଲେ । ଭୟଙ୍କର ରକ୍ତପାତରେ ପ୍ରାୟ ୫ଲକ୍ଷ ଲୋକ ନିହତ ହେଲେ । ହଜାର ହଜାର ନାରୀ ଧର୍ଷଣର ଶିକାର ହେଲେ ।

୧୯୫୧ ମସିହାରେ ଉଭୟ ଦେଶରେ ସଂଖ୍ୟାଲଘୁମାନଙ୍କୁ ସୁରକ୍ଷା ପାଇଁ ନେହେରୁ ଓ ପାକିସ୍ଥାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ଲିଆକତ ଅଲ୍ଲୀ ଖାଁ ଙ୍କ ମଧ୍ୟରେ ଏକ ଚୁକ୍ତି ଦିଲ୍ଲୀରେ ସ୍ୱାକ୍ଷରିତ ହୋଇଥିଲା । ମାତ୍ର ଅଳ୍ପ ଦିନ ପରେ ଲିଆକତ ଆତତାୟୀ ଦ୍ୱାରା ନିହତ ହେଲେ । ଉଭୟ ଦେଶ ମଧ୍ୟରେ କାଶ୍ମୀରକୁ ନେଇ ବାରମ୍ବାର ଯୁଦ୍ଧ ହେଲା ଓ ଫଳରେ ଉଭୟ ଦେଶରେ ସଂପ୍ରଦାୟିକ ବିଦ୍ୱେଷ ବୃଦ୍ଧି ପାଇଲା । ୧୯୭୧ ବଙ୍ଗଳାଦେଶ ଯୁଦ୍ଧ, ୧୯୯୨ରେ ବାବରି ମସ୍‌ଜିଦ ଭଙ୍ଗା, କାଶ୍ମୀରରେ ବାରମ୍ବାର ସାମରିକ ବାହିନୀ ମୁତୟନ, ଓ ୨୦୦୨ ମସିହାର ଗୁଜରାଟ ହିଂସାକାଣ୍ଡ ବେଳେ ପାକିସ୍ଥାନରେ ହିନ୍ଦୁମାନେ ଆକ୍ରମଣର ଶିକାର ହେଲେ । ଅନେକ ପୁଣି ଦେଶ ଛାଡି ଭାରତକୁ ପଳାଇ ଆସିଲେ । ଅନେକ ହିନ୍ଦୁ ମନ୍ଦିର ଧ୍ୱଂସ କରାଗଲା, ଅନେକ ହିନ୍ଦୁ କନ୍ୟାଙ୍କୁ ଅପହରଣ କରି ଜବରଦସ୍ତି ମୁସଲମାନଙ୍କ ସହ ବିବାହ କରି ଧର୍ମାନ୍ତକରଣ କରାଗଲା । ଯେଉଁମାନେ ଧର୍ମ ପରିବର୍ତ୍ତନ କଲେ ଅନେକ କଟରପନ୍ଥୀ ସଂଗଠନ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇଲେ । ବିଭାଜନ ବେଳେ ଥିବା ୪୨୦ ମନ୍ଦିର ମଧ୍ୟରୁ ୪୦୮ ମନ୍ଦିର ଭାଙ୍ଗି ଦିଆଗଲା । ସେମାନଙ୍କର ଜମି ସବୁ ସରକାର ନେଇଗଲେ । ଅନେକ ମନ୍ଦିରକୁ ସ୍କୁଲ ବା ଗୋଦାମରେ ପରିଣତ କରାଗଲା ।

ପାକିସ୍ଥାନରେ ମଧ୍ୟ ହିନ୍ଦୁମାନଙ୍କ ପାଇଁ ବେଳେବେଳେ ସହାନୁଭୂତି ମିଳିଥାଏ । ବର୍ତ୍ତମାନ ପାକିସ୍ଥାନରେ ପ୍ରାୟ ଶତକଡା ୧.୮ ହିନ୍ଦୁ ରହୁଛନ୍ତି । ସିନ୍ଧୁ ପ୍ରଦେଶରେ ସର୍ବାଧିକ, ପ୍ରାୟ ଶତକଡା ୭.୫ ଅଛନ୍ତି, ଉମରକୋଟ ଅଂଚଳରେ ସେମାନେ ସର୍ବାଧିକ ୪୬ ଶତକଡା ଓ ପଥରପରାରେ ୨୬ ଶତକଡା ରହିଛନ୍ତି । ତା ତଳକୁ ବେଲୁଚିସ୍ଥାନରେ ପାଖାପାଖି ୧ ଭାଗ ହିନ୍ଦୁ ରହିଛନ୍ତି । ହିନ୍ଦୁମାନଙ୍କ ସୁରକ୍ଷା ପାଇଁ ସେଠା ସରକାର ମଧ୍ୟ ପଦକ୍ଷେପ ନେଉଛନ୍ତି । ସେମାନଙ୍କ ପାଇଁ ହିନ୍ଦୁ ପଂଚ-ାୟତ, ହିନ୍ଦୁ ମଙ୍ଗଳ ସମିତି, ସଂଖ୍ୟାଲଘୁ ସେଲ ଗଢା ହୋଇଛି । ଏକ ସ୍ୱତନ୍ତ୍ର ସଂଖ୍ୟାଲଘୁ ମନ୍ତ୍ରଣାଳୟ କରାହୋଇଛି । ହିନ୍ଦୁମାନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନମଣ୍ଡଳି ବ୍ୟବସ୍ଥା କରାହୋଇଛି । ଜାତୀୟ ଆସେମ୍ବ୍ଲିରେ ୧୦ଟି ଓ ପ୍ରାଦେଶିକ ବିଧାନ ସଭାପାଇଁ ୨୦ଟି ସ୍ଥାନ ହିନ୍ଦୁ ଙ୍କ ପାଇଁ ସଂରକ୍ଷିତ ଅଛି । ୨୦୦୨ ମସିହାରେ ହିନ୍ଦୁ ମାନେ ଦାବି କରିବାରୁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଉଠିଗଲା । ହିନ୍ଦୁମାନଙ୍କ ପାଇଁ ସ୍ୱତନ୍ତ୍ର ବିବାହ ଆଇନ ପ୍ରଣୟନ ହୋଇଛି । ଧର୍ମାନ୍ତରୀକରଣ, ହିନ୍ଦୁ ମହିଳାମାନଙ୍କୁ ଅପହରଣ ରୋକିବା ପାଇଁ ଆଇନମାନ ହୋଇଛ । ଅନେକ ମନ୍ଦିରର ଉଦ୍ଧାର କରାଯାଇଛି । ହିନ୍ଦୁ ମଙ୍ଗଳ ସମିତି ଦ୍ୱାରା ଅନେକ ବିଦ୍ୟାଳୟ ପ୍ରତିଷ୍ଠା କରାହୋଇଛି । ଦେଶ ବିଭାଜନ ବେଳେ ପାକିସ୍ଥାନରେ ୪୨୮ଟି ହିନ୍ଦୁ ମନ୍ଦିର ଥିଲା । ବିଭାଜନ ବେଳେ ପ୍ରାୟ ୪୨୦ଟି ମନ୍ଦିରକୁ ଧ୍ୱଂସ କରିଦିଆଗଲା, ମନ୍ଦିର ଜମି ସରକାର ନେଇଗଲେ, ଅନେକ ମନ୍ଦିରରେ ସ୍କୁଲ କିମ୍ବା ଗୋଦାମ କରାଗଲା । ପରବର୍ତ୍ତି ସମୟରେ ଅନେକ ମନ୍ଦିରର ପୁନଃ ଉଦ୍ଧାର କରାଗଲା । କରାଚିରେ ଇସକନ୍ ପନ୍ଥୀର ଏକ ଭବ୍ୟ ମନ୍ଦିର ତିଆରି ହୋଇଅଛି, ସେମାନେ ଭଗବତ୍ ଗୀତାର ଅନୁବାଦ କରି ବିତରଣ କରୁଛନ୍ତି, ଏଠାରେ ସ୍ୱାମୀ ନାରାୟଣ ମନ୍ଦିର ଅଛି, ବରୁଣ ଦେବଙ୍କର ମନ୍ଦିର ଅଛି, ବେଲୁଚି ପ୍ରଦେଶରେ ପ୍ରସିଦ୍ଧ ମା ହିଂଜଲାନିଙ୍କର ମନ୍ଦିର ଅଛି । ଉଭୟ ଦେଶରୁ ଲକ୍ଷ ଲକ୍ଷ ଲୋକ ପ୍ରତିବର୍ଷ ଏହି ଦେବୀଙ୍କ ଦର୍ଶନ ପାଇଁ ଯାଇଥାଆନ୍ତି । କରାଚିର କେତେକ ମୁସଲମାନ ପରିବାର ବଂଶ ପରମ୍ପରାକ୍ରମେ ଏହାର ଛଡି ବାହକ କାର୍ଯ୍ୟ କରନ୍ତି । ସିଆଲକୋଟର ଜଗନ୍ନାଥ ମନ୍ଦିର ସରକାରଙ୍କ ଅନୁଦାନରେ ନୂତନ ଭାବେ ତିଆରି ହୋଇଛି । ଅନେକ ଗୁରୁଦ୍ୱାର ମଧ୍ୟ ସୁରକ୍ଷିତ କରାଯାଇଛି । ଅନେକ ହିନ୍ଦୁ ୧୪ ଶତାବ୍ଦୀର ରାମଦେବ ପିରଙ୍କୁ ପୂଜା କରନ୍ତି, କେତେକ ନାନକ ପନ୍ଥୀ ବୋଲି ଦାବି କରନ୍ତି । କେତେକ ନିଜକୁ ବାଲ୍ମିକିଙ୍କ ବଂଶଧର ବୋଲି କହିଥାଆନ୍ତି । ଚୁରିଓ ଜାବାଲ ଦୁର୍ଗା ମାତା ମନ୍ଦିର, ନଗରପରକାର ରେ ଶିବରାତ୍ରୀ ଅବସରରେ ୨ଲକ୍ଷ ଯାତ୍ରୀ ଆସିଥାଆନ୍ତି, ଏଠାରେ ହିନ୍ଦୁ ମାନେ ନିଜ ପରିବାରର ଅସ୍ଥି ବିସର୍ଜନ କରିଥାଆନ୍ତି । ପେଶଓ୍ୱାରରେ ଶିବ ମନ୍ଦିର ଓ ଗୋରଖନାଥ ମନ୍ଦିର ଅଛି । ଅନେକ ହିନ୍ଦୁ ପାକିସ୍ଥାନରେ ଉଚ୍ଚ ପଦବି ମଧ୍ୟ ପାଇଛନ୍ତି । ଡାନିସ କାନେରିଆ ଓ ଅନିଲ ଦଲପତ ପାକ୍ କ୍ରିକେଟ ଦଳରେ ଥିଲେ। ରାଣା ଭଗବାନ ଦାସ ପାକିସ୍ଥାନ ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ହୋଇପାରିଥିଲେ । ରମେଶ କୁମାର ପାକିସ୍ଥାନ ହିନ୍ଦୁ କାଉନସିଲର ପ୍ରତିଷ୍ଠାତା ଥିଲେ । ମହେଶ କୁମାର ମାଲାକାନି ସାଧାରଣ ସ୍ଥାନରୁ ଜିତି ନେସନାଲ ଆସେମ୍ବ୍ଲି କୁ ଯାଇଥିଲେ । ସୁମନ ବଦଆନି ଜଣେ ହିନ୍ଦୁ ମହିଳା ହୋଇ ମଧ୍ୟ ଜଜ୍ ହୋଇଥିଲେ ।

ଆମ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଆଇ କେ ଗୁଜରାଲ, ବିଜେପି ନେତା ଲାଲ କୃଷ୍ଣ ଆଡଭାନି, ସିନେମା ଜଗତ ର ରାଜ କପୁର, ଦେବାନନ୍ଦ, ୟାସ ଚୋପ୍ରା, ବଳରାଜ ସାହାନି, ସୁନିଲ ଦତ୍ତ, ରାଜେନ୍ଦ୍ର କୁମାର, ମନୋଜ କୁମାର, ବିନୋଦ ଖାନ୍ନା, ପ୍ରଥମ କ୍ରିକେଟ କ୍ୟାପ୍ଟେନ ଲାଲା ଅମରନାଥ ପାକିସ୍ଥାନରେ ଜନ୍ମ ହୋଇଥିଲେ । ନିକଟରେ ପାକିସ୍ଥାନ ସୀମା କଡରେ ଥିବା ଗୁରୁଦ୍ୱାର ଦରବାରା ସାହିବ ଓ ଭାରତରେ ଥିବା କରତାରପୁରର ଡେରାବାବା ନାନକ ଗୁରୁଦ୍ୱାର ଦୁଇଟି,ଏକ ୩ ମାଇଲ ଭିସା ବିମୁକ୍ତ କରିଡର ନିର୍ମାଣ କରାହୋଇଛି । ଭାରତର ଶିଖ ମାନେ ଗୁରୁଙ୍କର ଶେଷ ବିଶ୍ରାମ ସ୍ଥଳି କୁ ଯେପରି ସୁବିଧା ରେ ଯାଇ ପାରିବେ ଏହା ଲକ୍ଷ୍ୟ ରଖିଛି । ଗୁରୁ ନାନକ ଙ୍କ ୫୫୦ ତମ ଜୟନ୍ତି ଉପଲକ୍ଷେ ପାକିସ୍ଥାନର ପ୍ରଧାନମନ୍ତ୍ରୀ ଇମରାନ୍ ଖାଁ ଏହାକୁ ଉଦଘାଟନ କରି କହିଥିଲେ "ପାକିସ୍ଥାନ ତାର ହୃଦୟ ଖୋଲି ଦେଇଛି ।" ଏହି ଅବସରରେ ଆମ ପ୍ରଧାନମନ୍ତ୍ରୀ ମୋଦି ଏହାକୁ ବର୍ଲିନ ପ୍ରାଚିରର ପତନ ସହ ତୁଳନା କରିଥିଲେ ।

ପଶ୍ଚିମରେ ହିନ୍ଦୁକୁଶ ଓ ପୂର୍ବରେ ପୂର୍ବାଚଳ ମଧ୍ୟରେ ଜମ୍ବୁ ଦ୍ୱୀପ ନାମରେ ପରିଚିତଏହି ବିଶାଳ ଭୂଖଣ୍ଡ କୁ ପ୍ରକୃତି ଏକକ ରୂପରେ ଗଢିଅଛି । ସିନ୍ଧୁ ନଦୀ କୂଳ ରେ ଦିନେ ବୈଦିକ ସଭ୍ୟତା ଆରମ୍ଭ ହୋଇଥିଲା । ଲାହୋର୍ ଓ କସୁର ଯଥାକ୍ରମେ ପ୍ରଭୁ ଶ୍ରୀରାମଙ୍କ ପୁତ୍ର ଲବ ଓ କୁଶଙ୍କର ରାଜ୍ୟ ଥିଲା । ମହାଭାରତର କୁରୁରାଣୀ ଗାନ୍ଧାରୀ ଥିଲେ ଗାନ୍ଧାର ନାମରେ ପରିଚିତ ଏହି ରାଜ୍ୟର ରାଜ କୁମାରୀ । ତକ୍ଷଶିଳା ବା ଆଜିର ଲାହୋର ଥିଲା ସେ ସମୟର ଶ୍ରେଷ୍ଠ ବିଶ୍ୱ ବିଦ୍ୟାଳୟ । ସିମାର ଉଭୟ ପାର୍ଶ୍ୱରେ କି ହିନ୍ଦୁ କି ମୁସଲମାନ୍ ଅତୀତର ଗୌରବ କଥା ଭାବି ଝୁରି ହେଉଛନ୍ତି । ମାତ୍ର ରାଜନେତା ମାନେ ନିଜର ସ୍ୱାର୍ଥ ନପାଇ ବିଷର ମଂଜି ହିଁ ବୁଣି ଚାଲିଛନ୍ତି ।

**ଡା. ସୁରେନ୍ଦ୍ର ନାଥ ଦାଶ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ:୯୪୩୭୨୩୫୩୮୬

## ଆଜିର ଅନୁଚିନ୍ତା

*ବାଳି ଯେପରି ରୁକ୍ଷ ଓ କର୍କଶ, ଅଶିଷ୍ଟ ମନୁଷ୍ୟ ସେହିପରି ରୁକ୍ଷ ଓ କର୍କଶ ହୋଇଥାଏ ।*

### ଆନ୍ତର୍ଜାତିକ ସାକ୍ଷରତା ଦିବସ ଉପଲକ୍ଷେ...

# ସାକ୍ଷରତା ହିଁ ବିକାଶର ପରିମାପକ

••••••••••••ହିମାଂଶୁଶେଖର ଆଚାର୍ଯ୍ୟ••••••••••••





ସାକ୍ଷରତା ହିଁ ବିକାଶର ପରିମାପକ। ଯେଉଁ ଦେଶ ଯେତେ ଶିକ୍ଷିତ, ସେହି ଦେଶ ସେତେ ଉନ୍ନତ। ଯେତେ ଯାହା ଯୋଜନା କଲେ ବି ନିରକ୍ଷରତା ଦୂର ନ ହେଲେ କୌଣସି ଦେଶର ଉନ୍ନତି ଆଶାନୁରୂପ ହୋଇପାରିବନାହିଁ । କାରଣ ଏହା ଉପରେ ମାନବ ସମ୍ବଳର ବିକାଶ ନିର୍ଭର କରେ । ଲୋକପ୍ରିୟ କାହାଣୀ କୁହେ-"ଯଦି ତୁମେ ଆଗାମୀ ଏକ ବର୍ଷ ପାଇଁ ଯୋଜନା କରୁଛ, ତାହେଲେ ଜମିରେ କିଛି ମଞ୍ଜି ବୁଣିଦିଅ, ଯଦି ୧୦ ବର୍ଷ ବା ତା ଠାରୁ ଉର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ, ତାହେଲେ ଜମିରେ କିଛି ଗଛ ଲଗାଇଦିଅ, ଆଉ ଯଦି ୧୦୦ ବର୍ଷ ପାଇଁ ଯୋଜନା କରୁଛ, ତାହେଲେ ସମସ୍ତଙ୍କୁ ଶିକ୍ଷିତ କରାଇଦିଅ" । ଏଥିରୁ ସାକ୍ଷରତାର ଗୁରୁତ୍ୱ ସ୍ପଷ୍ଟ ଅନୁମେୟ। ସାକ୍ଷରତା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ୟୁନେସ୍କୋ ତରଫରୁ ୧୯୬୬ ମସିହାଠାରୁ ପ୍ରତିବର୍ଷ ସେପ୍ଟେମ୍ବର ୮ତାରିଖକୁ ଆନ୍ତର୍ଜାତିକ ସାକ୍ଷରତା ଦିବସରୂପେ ପାଳନ କରାଯାଉଅଛି।

ସାକ୍ଷରତା କେବଳ ଏକ ଅଧିକାର ନୁହେଁ ବରଂ ସାମାଜିକ ଓ ମାନବିକ ବିକାଶର ମାଧ୍ୟମ ଅଟେ । ତେଣୁ କୌଣସି ଦେଶର ବାସ୍ତବ ବିକାଶ ସେ ଦେଶର ସାକ୍ଷରତା ସହ ଅଙ୍ଗାଙ୍ଗୀଭାବେ ଜଡିତ । ଦାରିଦ୍ର୍ୟ ଦୂରୀକରଣ, ଶିଶୁ ମୃତ୍ୟୁହାର ହ୍ରାସ, ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ, ପୁରୁଷ ମହିଳା ଲିଙ୍ଗାନୁପାତ ହ୍ରାସ ଓ ଉଚ୍ଚମାନର ଜୀବନଧାରଣର ମାନକୁ ଏହା ସିଧାସଳଖ ପ୍ରଭାବିତ କରେ । ସେଥିପାଇଁ ୟୁନେସ୍କୋ ତରଫରୁ ଚଳିତ ବର୍ଷ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଇଁ ବିଷୟବସ୍ତୁ ରହିଛି-"Literacy for a human-centred recovery: Narrowing the digital divide."-( "ମାନବ-କେନ୍ଦ୍ରିତ ପୁନରୁଦ୍ଧାର ପାଇଁ ସାକ୍ଷରତା: ଡିଜିଟାଲ୍ ବିଭାଜନକୁ ସଂକୀର୍ଣ୍ଣ କରିବା" । ଅନ୍ୟ ଅର୍ଥରେ କହିଲେ, ମହାମାରୀ କରୋନା ଶିକ୍ଷାକ୍ଷେତ୍ରରେ ଯଥେଷ୍ଟ ପ୍ରତିକୂଳ ପ୍ରଭାବ ପାକାଇଛି। ଏହାକୁ ଭରଣା କରିବା ପାଇଁ ଡିଜିଟାଲ ଶିକ୍ଷା ଅନ-ଲାଇନ ଓ ୟୁ-ଟ୍ୟୁବ୍ ମାଧ୍ୟମରେ ଶିକ୍ଷାଦାନ ଚାଲିଛି। ଏହି ସୁବିଧା ସବୁ ବିଦ୍ୟାର୍ଥୀଙ୍କ ପାଖରେ ପହଂଚିପାରୁନାହିଁ । ଏହି ବିଭାଜନକୁ ହ୍ରାସ କରିବା ଏବର୍ଷ ଆନ୍ତର୍ଜାତିକ ସାକ୍ଷରତା ଦିବସର ମୁଖ୍ୟ ଉଦ୍ଦେଶ୍ୟ ।ଏବେବି ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଉର୍ଦ୍ଧ୍ୱ । ପ୍ରତି ପାଞ୍ଚଜଣ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର । ଅନ୍ୟୁନ ୭କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ । କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ । ପରିସଂଖ୍ୟାନ ତଥ୍ୟରୁ ଜଣାପଡେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତ ବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ । ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ । ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ । କିନ୍ତୁ ବିଶ୍ୱର ସାକ୍ଷରତା ହାର ୮୪ ପ୍ରତିଶତକୁ ବିଚାରକୁ ନେଲେ ସ୍ୱୀକାର କରିବାକୁ ହେବ ଯେ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି। ଏକ ସର୍ବେକ୍ଷଣରୁ ଯଣାପଡିଛିଯେ ଏବେବି ଆମ ଦେଶରେ ପ୍ରାୟ ୨୮ କୋଟିରୁ ଉର୍ଦ୍ଧ୍ୱ ଲୋକ ନିରକ୍ଷର ଅଛନ୍ତି।

ଏହି ପରିପ୍ରେକ୍ଷୀରେ ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି । ଏପରିକି କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ମ୍ନ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ । ଏହି ପରିପ୍ରେକ୍ଷୀରେ ଆମ ଦେଶକଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ । ତନ୍ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୧୪ ପ୍ରତିଶତ ହୋଇଥିବା ବେଳେ ନାରୀ ସାକ୍ଷରତା ହାର ୬୫.୪୬ ପ୍ରତିଶତ । ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର । ସେହିପରି ଆମ ପ୍ରଦେଶ ଓଡ଼ିଶା କଥା ଚିନ୍ତାକଲେ ଅନ୍ୟ ରାଜ୍ୟ ତୁଳନାରେ ଆମେ ପଛରେ । କେରଳ ଓ ମିଜୋରାମରେ ସାକ୍ଷରତା ହାର ଯଥାକ୍ରମେ ୯୩.୯୧ ପ୍ରତିଶତ ଓ ୯୧.୬ ପ୍ରତିଶତ ହୋଇଥିବା ବେଳେ ବିହାରରେ ସର୍ବନିମ୍ନ ସାକ୍ଷରତା ହେଉଛି ୬୩.୮୨% । ଆମ ଓଡିଶାର ସାକ୍ଷରତା ହାର ୭୩.୫ ପ୍ରତିଶତ ଯାହାକି ଜାତୀୟ ହାର ଠାରୁ କମ୍ । ଏମାନଙ୍କ ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୪ ପ୍ରତିଶତ ଓ ମହିଳା ସାକ୍ଷରତା ହାର ୬୪.୩୬ ପ୍ରତିଶତ ।

ମାନବ ଜାତିର ସର୍ବାଙ୍ଗୀନ ବିକାଶର ଉତ୍ସ ହେଉଛି ଶିକ୍ଷା। ପ୍ରତ୍ୟେକ ମଣିଷକୁ ଶିକ୍ଷାର ଅଙ୍ଗନକୁ ଆଣିବା ପାଇଁ ସବୁସ୍ତରରେ ଉଦ୍ୟମ ଜାରି ରହିଛି। ଏସବୁ ସତ୍ତ୍ୱେ ବିଶ୍ୱ ସ୍ତରରେ ପ୍ରତି ୫ଜଣ ବୟସ୍କଙ୍କ ମଧ୍ୟରେ ଜଣେ ଅଶିକ୍ଷିତ ଅଛନ୍ତି। ଆମ ଦେଶ ଓ ରାଜ୍ୟ କଥା ଆହୁରି ତଦ୍ରୁପ। ଏହି ସମସ୍ୟାର ସମାଧାନ ପାଇଁ ପ୍ରାକ୍ ସ୍ୱାଧୀନତା କାଳରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୧୯୭୮ ମସିହା ଅକ୍ଟୋବର ୨ ତାରିଖରେ ଭାରତ ସରକାର ବହୁଚର୍ଚ୍ଚିତ ପ୍ରୌଢ ଶିକ୍ଷା କାର୍ଯ୍ୟକ୍ରମ ଓ ୧୯୮୭ ମଇ ମାସ ୫ ତାରିଖରୁ ଦେଶରେ ସାକ୍ଷରତା ମିଶନ୍ କାର୍ଯ୍ୟକାରୀ ହେଉଛି । ପରବର୍ତ୍ତୀ କାଳରେ ସମ୍ପୂର୍ଣ୍ଣ ସାକ୍ଷରତା ଯୋଜନା, ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଭଳି ଅନେକ ଯୋଜନା ପ୍ରଣୟନ ହୋଇଛି । ସେହିପରି ଓଡ଼ିଶା ସରକାର ୨୦୦୨ ମସିହାରୁ ସର୍ବଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ଆରମ୍ଭ କରିଛନ୍ତି । ଭାରତ ସରକାର ୨୦୦୯ ମସିହାରେ ଐତିହାସିକ ଶିକ୍ଷା ଅଧିକାର ବିଲ୍ ଆଣି ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରିଛନ୍ତି । ଏହାଦ୍ୱାରା ୬ ରୁ ୧୪ ବର୍ଷ ବୟସର ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭର ସୁଯୋଗ ପାଇବାର ଲକ୍ଷ୍ୟ ରଖାଯାଇଛି। ଏକ ହିସାବରୁ ଜଣାଯାଏ ଓଡ଼ିଶାରେ ମଧ ମୋଟ ୬୮ ଲକ୍ଷ ୨୮ ହଜାର ୩୫୭ ଜଣ ଶିଶୁଙ୍କ ମଧ୍ୟରୁ ୩ ଲକ୍ଷ ୫୧ ହଜାର ୧୪୭ ଜଣ ପିଲା ସ୍କୁଲ ଦୁଆରମୁହଁ ମାଡିନାହାଁନ୍ତି ।

ସବୁଠୁ ବଡ କଥା ହେଉଛି ନାରୀ ସାକ୍ଷରତା କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷ ଜନକ ନୁହେଁ । ଗୋଟିଏ ଲୋକକଥା ଅଛି – "ଝିଅ ହେଲେ ପାଠୋଇ, ଦେଶ ଯିବ ଆଗେଇ" । ଦିନେ କେବେ ବ୍ୟାସକବି ଫକିର ମୋହନଙ୍କ ଆଖି ଦେଖା କଥାରେ ପାଠପଢି ବସିଥିବା ଝିଅ ରେବତୀକୁ ତା ବୁଢୀ ମା କହିଥିଲା – ରେବତୀ ପାଠ ପଢିବ ! ଘର ଉଜୁଡି ଯିବ । ହେଲେ ରେବତୀ ଆଜି ଅର୍ଗଳିରୁ ବାହାରି ଯାଇ ପାଠ ପଢିଛି । ପୁଅମାନଙ୍କ ସହ ତାଳ ଦେଇ ଅନେକରେ ଏକ ହୋଇଛି । ତଥାପି ସଂଗ୍ରାମ ସରିନାହିଁ । ନାରୀଶିକ୍ଷାର ପ୍ରସାର ଓ ପ୍ରଚାର ପାଇଁ ଅଣ୍ଟାଭିଡି ବାହାରିଥିବା ମଲାଲାକୁ ତାଲିବାନଙ୍କ ଗୁଳିମାଡର ଆଘାତ ସହିବାକୁ ପଡିଛି । ଆଜି ବି ବିଶ୍ୱର ବିଭିନ୍ନ ଦେଶରେ ପୁରୁଷ ସାକ୍ଷରତା ତୁଳନାରେ ନାରୀ ସାକ୍ଷରତା ହାର ପଛରେ ରହିଛି । ସମଗ୍ର ବିଶ୍ୱରେ ନାରୀ ସଶକ୍ତିକରଣର ସ୍ଲୋଗାନ ଦିଆଯାଉଥିବା ବେଳେ ନାରୀ ସାକ୍ଷରତା ହାର ବୃଦ୍ଧି କରାଯିବା ଉପରେ ଅଗ୍ରାଧିକାର ଦିଆଯିବା ଉଚିତ୍।

ନିରକ୍ଷରତା ଏକ ସାମାଜିକ ବ୍ୟାଧି । ଏହାକୁ ନିଶ୍ଚିନ୍ତ ହଟାଇବାକୁ ହେବ । ବିଶେଷକରି ବର୍ତ୍ତମାନ ସ୍ଥିତିରେ ଦ୍ରୁତ ପରିବର୍ତ୍ତନ ଆଣିବାକୁ ହେଲେ ନାରୀମାନଙ୍କ କ୍ଷେତ୍ରରେ ସାକ୍ଷରତା ହାରକୁ ଆହୁରି ଉପରକୁ ନେବାକୁ ହେବ। କାରଣ ନିରକ୍ଷରତା ବଢିଲେ ଦାରିଦ୍ର୍ୟ ବଢିଯାଏ, ଏହାସାଙ୍ଗକୁ ମହିଳାଙ୍କ ଉପରେ ଅତ୍ୟାଚାର । ସାକ୍ଷରତାର ପ୍ରସାର ପାଇଁ ନିରନ୍ତର ପ୍ରୟାସ ଏକାନ୍ତ ଅପରିହାର୍ଯ୍ୟ । ଏ କ୍ଷେତ୍ରରେ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

*-ଜଗତସିଂହପୁର, ମୋ-୯୯୩୭୧୫୧୦୫୨*

# ବିପର୍ଯ୍ୟସ୍ତ ଗ୍ରାମ୍ୟଜୀବନ

– – –ଡକ୍ଟର ମନୋରଞ୍ଜନ ବିଷୋୟୀ– – –



ଭୂଗର୍ଭରୁ ମାତୃଗର୍ଭକୁ ଏବଂ ମାତୃଗର୍ଭରୁ ଭୂଗର୍ଭକୁ ଯାତ୍ରା କରିବା ଭିତରେ ଜୀବନଟିଏ ଗଢ଼ିଉଠେ । ଭାରତୀୟ ଦର୍ଶନରେ ମଣିଷ ବଦଳେ କିନ୍ତୁ ମାଟି ବଦଳେ ନାହିଁ । ଏପରିକି ମାଟିରୁ ଜନ୍ମଲାଭ କରୁଥିବା ସାଂସ୍କୃତିକ ବାର୍ତ୍ତା ପରିବର୍ତ୍ତିତ ହୁଏ ନାହିଁ । ଚିହ୍ନାମାଟିର ସନ୍ତାନ ବାହ୍ୟ ଔଜ୍ଜଲ୍ୟରେ ଅନ୍ଧ ହୋଇ କ୍ରମେ ଅଚିହ୍ନା ମନେ ହୁଅନ୍ତି । ଏହାହିଁ ହୋଇଛି ସାଂପ୍ରତିକ କାଳର ଏକ ନିଖୁଣ ସତ୍ୟ । ଏକଦା ସାମୂହିକ ସୂତ୍ରରେ ଆବଦ୍ଧ ମଣିଷ ପାଇଁ ସୁଖ ଦୁଃଖ ଉଭୟ ଥିଲା ସାମୂହିକ । ଆଜି କିନ୍ତୁ ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟ ପଛରେ ପାଗଳ ମଣିଷ ଆପଣାର ସ୍ୱାର୍ଥର ପରିଧି ଭିତରେ ସଂପୂର୍ଣ୍ଣ ରୂପେ ବନ୍ଦୀ । ଉତ୍ସବ ମୁଖର ପରିବେଶ ନାହିଁ; ନାହିଁ ମଧ ସରଳ ମାନବର ନିରଳସ ଇସ୍ତାହାର । କେଉଁଠି ନିଜ ପିଲାଙ୍କୁ ଗାଁ ସ୍କୁଲରେ ପାଠ ନ ପଢ଼ାଇ ସହରରେ ପାଠ ପଢ଼ାଇବାର ମୋହ ପାରିବାରିକ ସଂପର୍କରେ ଠିଆ କରାଇଛି ପାଚେରୀ ତ ଆଉ କେଉଁଠି ଭାଇ ଭାଇ ଭିତରେ ଭାଗ ବଣ୍ଟାକୁ ନେଇ ଚୂଡ଼ାନ୍ତ ଫଇସଲା ପାଇଁ ଭଦ୍ରଲୋକଙ୍କୁ ଡକା ଯାଇଛି । ଲାଗୁଛି ସ୍ୱାର୍ଥ ସର୍ବସ୍ୱ ଏ ଦୁନିଆରେ ଆଜି ସଭିଏଁ ଆପଣାର ସ୍ୱପ୍ନରେ ବିଭୋର । ଗାଁ ମନ୍ଦିର ପରିସର ଆଜି ତରୁଣ ଗୋଷ୍ଠୀର ଗଞ୍ଜେଇ ଆଖଡ଼ାରେ ପରିଣତ ହେବା ଠାରୁ ଆରମ୍ଭ କରି; ରାଜନୀତି ଆଜି ଉଦ୍‌ଭ୍ରାନ୍ତ ଯୁବଗୋଷ୍ଠୀର ସ୍ୱପ୍ନର ସମ୍ଭାର ପାଲଟିଛି । ଫଳରେ ଗାଁ ମଧ ଦି' ଭାଗ ହେବାରେ ଲାଗିଛି । ଏକ ମନ ହୋଇ ଚଳୁଥିବା ଗାଁ ଲୋକ ଆଜି ରକ୍ତମୁଖା ଦିଶୁଛନ୍ତି । ଆଜି ଗାଁରେ ବାପା-ମାଆ, କକା-ଖୁଡ଼ି, ମଉସା-ମାଉସୀ, ପିଉସା-ପିଉସି, ଭାଇନା-ଭାଉଜ, ମାମୁ-ମାଇଁ, ସଙ୍ଗାତ, ମଇତ୍ର ଭଳି ଆତ୍ମୀୟତାର ଉଚ୍ଚାରଣ ଭିତରେ ପରସ୍ପର ଡକାଡକି ହେଉଥିବା ସଂପର୍କ ସବୁ ଶିଥିଳ ହୋଇ ପଡ଼ିଛି । ଏପରିକି ଅନେକ ଘଟଣାରେ ଗାଁ ମାମଲତକାରମାନଙ୍କର ଅଦ୍ଭୁତ ନ୍ୟାୟନିଶାପ ଗ୍ରାମ୍ୟ ଜୀବନକୁ ବିପର୍ଯ୍ୟସ୍ତ କରି ଦେଇଛି । ଏହାସହ ଗାଁରେ ସରକାରଙ୍କ ଦ୍ୱାରା ପ୍ରଚଳିତ ସବୁ ବ୍ୟବସ୍ଥା କିପରି ଉପହସିତ ତାହା କଣ୍ଟ୍ରୋଲ ଦୋକାନର ଚିତ୍ର ଭିତରୁ ସ୍ପଷ୍ଟ ହୋଇପଡୁଛି । ଗାଁର ଶିକ୍ଷିତ ଗୋଷ୍ଠୀ କୌଳିକ ବୃତ୍ତି ବିମୁଖ ହୋଇ ସହର ଅଭିମୁଖେ ଅନ୍ଧଭାବରେ ଯାତ୍ରା; ଗାଁ ପ୍ରତି ଥିବା ସୂକ୍ଷ୍ମ ସଂପର୍କର ଡୋରୀକୁ ଶିଥିଳ କରିଦେଇଛି । ଏପରିକି ସହରର ଚାକଚକ୍ୟ ଅନେକ ପରିବାରରେ ଆଣିଛି ଦାରୁଣ ବିଡ଼ମ୍ବନା । କାରଣ ବାପାମାଆ ଯେଉଁ ପୁଅର ପାଠପଢ଼ାରେ ସମଗ୍ର ଜୀବନକୁ ସମର୍ପି ଦେଇଛନ୍ତି; ସେହି ପୁଅ ଏକ ଧନୀ ଦୁଲାଳୀକୁ ବାହା ହେବା ପରେ ଭୁଲିଯାଉଛି ଆପଣାର ଅତୀତ ଓ ବାପାମାଆଙ୍କୁ । ବସ୍ତୁତଃ ଏହାହିଁ ହେଉଛି ଆଜି ପ୍ରତି ଗାଁର ନିଚ୍ଛକ ପ୍ରତିରୂପ । ଆଜି ପାରସ୍ପରିକ ସଂପ୍ରୀତି ଓ ସୌହାର୍ଦ୍ଦ୍ୟ ସୁଦୂର ପରାହତ ।

ପରିଶେଷରେ କେବଳ ଏତିକି କହିବି– ଆଜି ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଯେତେ ଆତ୍ମମଗ୍ନ ହେଉନା କାହିଁକି; ଯେଉଁ ମୁହୂର୍ତ୍ତକ ପାଇଁ ସେ ସଂପର୍କର ପୃଥିବୀ କଥା ଚିନ୍ତା କରେ; ସେତିକିବେଳେ ସେ ବିଷଣ୍ଣ ହେବା ସ୍ୱାଭାବିକ । ପ୍ରଗତିର ଶେଷ ବିନ୍ଦୁରେ ଜଗତୀକରଣର ଗୀତ ଗାଉଥିବା ଏ ମଣିଷ ପରମ୍ପରାଠାରୁ ବିଚ୍ଛିନ୍ନ ହେବା ସମ୍ଭବ ନୁହେଁ । ଆପଣା ମାଟି, ପାଣି, ପବନ ଓ ଆକାଶ ଯେଉଁ ନିବିଡ଼ ଆଲିଙ୍ଗନରେ ମଣିଷକୁ ବଞ୍ଚିବାର ମନ୍ତ୍ର ଶିଖାଇଥାଏ; ସେଥିରୁ ମୁକ୍ତ ହେବା ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ସବୁ ମଣିଷ ପାଇଁ ମାଟି ହିଁ ହେଉଛି ମା'ର ରୂପାନ୍ତର । ଖୁବ୍ ନିବିଡ଼ ଓ ଆତ୍ମୀୟ । କିନ୍ତୁ ଏ ମାଟିରେ ଚଳପ୍ରଚଳ କରୁଥିବା ମଣିଷ ଗୁଡ଼ିକ ଭାବରେ ଓ ରକ୍ତରେ ଆତ୍ମୀୟ ହେବା ସତ୍ତ୍ୱେ; ଭୋଗ ସର୍ବସ୍ୱ ମନୋବୃତ୍ତି ନେଇ ଅଚିହ୍ନା ପାଲଟି ଯାଇଛନ୍ତି । ଏହାହିଁ ହେଉଛି ଚଳନ୍ତି ସମୟର ଦୁଃଖ ।

*-ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୫୧୪୧୭୨୭*

# 'ଦୈନିକ ଶାଖା'ର ଆବିଷ୍କାରକ ଡ. ହେଡଗେଓ୍ୱାର

ବିଶ୍ୱର ସବୁଠାରୁ ବୃହତ ସ୍ୱେଚ୍ଛାସେବୀ ସଂଗଠନ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘକୁ କିଏ ବା ନ ଜାଣେ । ଭାରତର କୋଣ ଅନୁକୋଣରେ ଏହାର ଶାଖା ଅଛି । ବିଶ୍ୱର ଯେଉଁ ଦେଶରେ ହିନ୍ଦୁମାନେ ବସବାସ କରୁଛନ୍ତି ସେହି ସବୁ ଦେଶମାନଙ୍କରେ କୌଣସି ନା କୌଣସି ରୂପରେ ସଂଘକାମ ଚାଲୁଅଛି । ସୃଷ୍ଟିର ଆଦ୍ୟଦିନ ଚୈତ୍ର ଶୁକ୍ଳ ପ୍ରତିପଦା ବା ୧୮୮୯ ମସିହା ଏପ୍ରିଲ ୧ ତାରିଖ ଦିନ ସଂଘର ସୃଷ୍ଟିକର୍ତ୍ତା ଡକ୍ଟର କେଶବ ବଳିରାମ ହେଡଗେଓ୍ୱାର ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଶ୍ରୀ ବଳିରାମ ପନ୍ତ ହେଡଗେଓ୍ୱାର, ମାତାଙ୍କ ନାମ ରେବତୀ ବାଇ । କେଶବ ଜଣେ ଜନ୍ମଜାତ ଦେଶ ଭକ୍ତ ଥିଲେ । ୧୮୯୭ ମସିହା ଜୁନ ୨୨ ତାରଖରେ ବ୍ରିଟେନର ମହାରାଣୀ ଭିକ୍ଟୋରିଆଙ୍କ ସିଂହାସନ ଆରୋହଣର ୬୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ବଂଟା ଯାଉଥିବା ଲଡୁକୁ ନଖାଇ ଫୋପାଡି ଦେଇଥିଲେ । କହିଥିଲେ 'ସେତ ଆମର ମହାରାଣୀ ନୁହଁନ୍ତି' । ସେତେବେଳକୁ ତାଙ୍କର ବୟସ ମାତ୍ର ଆଠବର୍ଷ ହୋଇଥିଲା । ୧୯୦୧ ମସିହାରେ ଇଂଲଣ୍ଡର ରାଜା ସପ୍ତମ ଏଡୱାର୍ଡଙ୍କ ରାଜ୍ୟାରୋହଣ ଉପଲକ୍ଷେ ନାଗପୁର ସହରରେ ପ୍ରଶାସନ ତରଫରୁ ଆକର୍ଷଣୀୟ ଆତସବାଜି ଅନୁଷ୍ଠିତ ହେଉଥିବା ବେଳେ କେଶବର ସାଙ୍ଗମାନେ ସେଠାକୁ ଯିବାକୁ ଚାହୁଁଥିଲେ କିନ୍ତୁ କେଶବ ସେମାନଙ୍କୁ କହିଥିଲେ 'ବିଦେଶର ରାଜାଙ୍କ ରାଜ୍ୟାରୋହଣ ଉତ୍ସବ ଏଠାରେ ପାଳନ କରିବା ଆମ ପାଇଁ ଲଜ୍ଜାକର ବିଷୟ ।' ମହାରାଷ୍ଟ୍ରର ସୀତାବର୍ଡି ଦୁର୍ଗ ଉପରେ ଉଡୁଥିବା ଇଂରେଜମାନଙ୍କ ପତାକା ୟୁନିୟନ୍ ଜ୍ୟାକ ଉଡୁଥିବାର ଦେଖି ପିଲାଦିନେ ତାଙ୍କୁ ବହୁତ ଦୁଃଖ ଦେଇଥିଲା । ଦିନେ ସୁଡଙ୍ଗ ଖୋଳି ସେହି ୟୁନିୟନ୍ ଜ୍ୟାକକୁ ଖୋଲିବା ପାଇଁ ଯୋଜନା କରିଥିଲେ ହେଲେ ପିଲାଦିନର ଏହି ଯୋଜନା ସଫଳ ହୋଇ ପାରିନଥିଲା । ୧୯୦୪ ମସିହାରେ କ୍ରାନ୍ତିକାରୀମାନଙ୍କ ସହିତ ମିଶି ବୋମା ତିଆରି କରିବାର ପଦ୍ଧତି ଶିକ୍ଷାଲାଭ କରିଥିଲେ । ୧୯୦୫ରେ ବଙ୍ଗଭଙ୍ଗ ଆନ୍ଦୋଳନର ସ୍ୱର ଚାରିଆଡେ ଦେଖିବାକୁ ମିଳିଥିଲା । ସେ ସମୟରେ କେଶବ ସ୍କୁଲ ଛାତ୍ରମାନଙ୍କୁ ସଂଗଠିତ କରିବାର ଦାୟିତ୍ୱ ନେଇଥିଲେ । ୧୯୦୭ରେ ନୀଲସିଟି ବିଦ୍ୟାଳୟକୁ ନିରୀକ୍ଷକ ଆସିବା ବେଳେ ବନ୍ଦେ ମାତରମ୍ ସ୍ଲୋଗାନ ଉଚ୍ଚ ସ୍ୱରରେ ଘୋଷଣା କରି ତାଙ୍କୁ ସ୍ୱାଗତ କରାଯାଇଥିଲା । ଏଥିପାଇଁ କେଶବଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯାଇଥିଲା ।

ସେ ସବୁବେଳେ ଚିନ୍ତା କରୁଥିଲେ ଯେ, ଏତେବଡ ଦେଶକୁ ପ୍ରଥମେ ମୋଗଲ ଏବଂ ତା'ପରେ ସାତ ସମୁଦ୍ର ପାର ହୋଇ ଇଂରେଜମାନେ କିପରି ଅଧିକାର କରିନେଲେ । ସେ ନିଜର ଶିକ୍ଷକ, ଅଧ୍ୟାପକ ଏବଂ ଆହୁରି ବଡବଡ ଲୋକମାନଙ୍କୁ ଏହି ପ୍ରଶ୍ନ ବାରମ୍ବାର ପଚାରୁଥିଲେ । ବହୁଦିନ ପରେ ସେ ଅନୁଭବ କଲେ ଭାରତରେ ରହୁଥିବା ହିନ୍ଦୁମାନେ ଅସଂଗଠିତ । ସେମାନେ ଜାତି, ପ୍ରାନ୍ତ, ଭାଷା, ଶ୍ରେଣୀ, ବର୍ଣ୍ଣ ଆଦି ନାମରେ ଏକତ୍ରିତ ହୋଇ ଯାଉଛନ୍ତି କିନ୍ତୁ ହିନ୍ଦୁ ନାମରେ ନୁହେଁ । ଭାରତର ରାଜା ଏବଂ ଜମିଦାରମାନେ ସେମାନଙ୍କର ବଂଶ ଏବଂ ରାଜ୍ୟର ସ୍ୱାଭିମାନ ପାଇଁ ଚିନ୍ତା କରୁଥିବା ବେଳେ ଦେଶ ପାଇଁ ଚିନ୍ତିତ ନଥିଲେ । ଯେଉଁଥି ପାଇଁକି ବିଦେଶୀମାନେ ଭାରତକୁ ଲୁଣ୍ଠନ କରୁଥିଲେ ଏବଂ ଆମେ ସବୁ ଦେଖଣାହାରି ସାଜିଥିଲୁ । ଏହିସବୁ ବିଷୟ ଚିନ୍ତା କରି କେଶବ ନିଜେ ଦେଶ ପାଇଁ କିଛି କାମ କରିବାକୁ ବିଚାର କଲେ । ସେହି ସମୟରେ ଦେଶର ସ୍ୱାଧୀନତା ପାଇଁ ସମସ୍ତେ ସଂଘର୍ଷ କରୁଥିଲେ । ସ୍ୱାଧୀନତା ପ୍ରେମୀ କେଶବ ମଧ୍ୟ ଏହି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ ।



୧୯୧୦ ରୁ ୧୯୧୫ ମଧ୍ୟରେ କେଶବ ବଙ୍ଗ ଓ ମଧ୍ୟପ୍ରାନ୍ତର କ୍ରାନ୍ତିକାରୀଙ୍କ ମଧ୍ୟରେ ସଂପର୍କର ସେତୁ ରୂପେ କାର୍ଯ୍ୟ କରୁଥିଲେ । ସେ କଲିକତାରେ ଡାକ୍ତରୀ ପାଠ ପଢିବା ବେଳେ କ୍ରାନ୍ତିକାରୀମାନଙ୍କ ସହିତ ଏବଂ ନାଗପୁର ଫେରିବା ପରେ କଂଗ୍ରେସ ସହିତ କାମ କରିଥିଲେ । ନାଗପୁର କଂଗ୍ରେସ ଅଧିବେଶନ ପାଇଁ ଗଠିତ ସ୍ୱାଗତ ସମିତିର ସଦସ୍ୟ ଥାଇ ମଧ ଡ. ହେଡଗେଓ୍ୱାର ସମସ୍ତ କାର୍ଯ୍ୟର ଦାୟିତ୍ୱ ନେଇଥିଲେ । ନାଗପୁର ଅସହଯୋଗ ସମିତି ୧୯୨୦ ନଭେମ୍ବର ୧୧ ତାରିଖରୁ ଏକ ସପ୍ତାହବ୍ୟାପୀ ଅସହଯୋଗ ସପ୍ତାହ ରୂପେ ଆନ୍ଦୋଳନ କରିଥିଲା । ଡ. ହେଡଗେଓ୍ୱାରଙ୍କ ନେତୃତ୍ୱରେ ଅନେକ ସାଧାରଣ ସଭା, ଶୋଭାଯାତ୍ରା, ବିକ୍ଷୋଭ, ଧାରଣା ଆଦି ହୋଇ ଅସହଯୋଗ କାର୍ଯ୍ୟକ୍ରମ ତୀବ୍ରଗତିରେ ବୃଦ୍ଧି ପାଇଥିଲା । ଇଂରେଜ ସରକାର ଡ. ହେଡଗେଓ୍ୱାରଙ୍କୁ ୧୯୨୧ ଅଗଷ୍ଟ ମାସ ୧୯ ତାରିଖରେ ନାଗପୁରର ଅଜନୀ ଜେଲରେ ବନ୍ଦୀ କରି ଏକ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ସେ ଜେଲରେ ଥାଇ ୧୯୨୨ ଏପ୍ରିଲ ୧୩ ତାରିଖରେ ଜାଲିଆନାଓ୍ୱାଲାବାଗ ଦିବସ ପାଳନ କରିଥିଲେ । ସେହିବର୍ଷ ଜୁଲାଇ ୨୨ ତାରିଖ ଦିନ ଡ. ହେଡଗେଓ୍ୱାର ଜେଲରୁ ମୁକ୍ତ ହୋଇଥିଲେ । ଏହାପରେ ବି ସେ ରାଷ୍ଟ୍ରୀୟ ଆନ୍ଦୋଳନରେ ସକ୍ରିୟ ରହିବା ସହିତ ତତ୍କାଳୀନ ରାଜନୈତିକ ପରିଦୃଶ୍ୟର ପରିବର୍ତ୍ତନକୁ ଉପଲବ୍ଧ କରିଥିଲେ ।

୧୯୧୫ରୁ ୧୯୨୪ ପର୍ଯ୍ୟନ୍ତ ଦେଶରେ ପରିଚାଳିତ ହେଉଥିବା ବିଭିନ୍ନ ଜନଆନ୍ଦୋଳନକାରୀ ସଂସ୍ଥାଗୁଡିକର ଭୂମିକାକୁ ଅତି ସୂକ୍ଷ୍ମରୂପେ ଗହନ ଅଧ୍ୟୟନ ଓ ବିଶ୍ଳେଷଣ କରୁଥିଲେ ତଥା ରାଷ୍ଟ୍ରକୁ ଗ୍ରାସ କରୁଥିବା ରୋଗର ନିଦାନ ସନ୍ଧାନ ପାଇଁ ସେ ବ୍ୟଗ୍ର ଥିଲେ । ଭାରତର ଇତିହାସ, ବର୍ତ୍ତମାନ ଓ ଭବିଷ୍ୟତକୁ ଏକତ୍ର ଉପଲବ୍ଧ କରି ସେ ଭାରତର ରାଷ୍ଟ୍ରୀୟତା ମୂଳ ପ୍ରଶ୍ନ ଉପରେ ଗଭୀର ଚିନ୍ତା କରିଥିଲେ । ସବୁ ବିଷୟକୁ ଚିନ୍ତନ ଓ ମନ୍ଥନ କରି ସେ ହିନ୍ଦୁମାଙ୍କୁ ସଂଗଠିତ କରିବା ପାଇଁ ନାଗପୁରରେ ୧୯୨୫ ମସିହା ବିଜୟା ଦଶମୀ ଦିନ ଏକ ନୂତନ ସଂଗଠନ ଓ ନୂତନ କାର୍ଯ୍ୟପଦ୍ଧତିର ଶୁଭାରମ୍ଭ କରିଥିଲେ । ୧୯୨୬ ଏପ୍ରିଲ ୧୭ ତାରିଖ ଦିନ ଏହି ସଂଗଠନର ନାମ କରଣ ହୋଇଥିଲା । ଯାହାର ନାମ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ । ଡ. ହେଡଗେଓ୍ୱାର ଗୃହସ୍ଥ ବନ୍ଧନରେ ବାନ୍ଧି ନହୋଇ ନିଜର ସଂପୂର୍ଣ୍ଣ ସମୟ ସଂଘ ପାଇଁ ସମର୍ପିତ କରି ଦେଇଥିଲେ । ସେ ସଂଘ ଆରମ୍ଭ କରିଥିଲେ ମଧ୍ୟ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଥିଲେ । ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ କାର୍ଯ୍ୟକ୍ରମ, ଧାରଣା ପ୍ରଦର୍ଶନ, ଆନ୍ଦୋଳନ ଆଦିରେ ଭାଗ ନେବା ସହିତ ବଡ ବଡ ଭୂମିକା ତୁଲାଉଥିଲେ । ସେ ୧୯୩୦ରେ ଜଙ୍ଗଲ ସତ୍ୟାଗ୍ରହରେ ଅଂଶଗ୍ରହଣ କରି ପୁଣି ଥରେ ଏକବର୍ଷ ପର୍ଯ୍ୟନ୍ତ କାରାବରଣ କରିଥିଲେ ।

ଡ. ହେଡଗେଓ୍ୱାର ୧୯୨୫ ମସିହା ବିଜୟା ଦଶମୀରେ ଯେଉଁ ନୂତନ ପଦ୍ଧତି ଉଦ୍‌ଭାବନ କରିଥିଲେ ତାହାର ନାମ ଥିଲା 'ଦୈନିକ ଶାଖା' । ଶାଖାରେ ସ୍ୱୟଂସେବକମାନେ ପ୍ରତିଦିନ ଏକ ଘଂଟା ପାଇଁ ଏକାଠି ହୁଅନ୍ତି । ନିଜର ଶାରୀରିକ ଅବସ୍ଥା ଅନୁଯାୟୀ କିଛି ବ୍ୟାୟାମ, ଖେଳକୁଦ କରନ୍ତି । ପୁଣି ଦେଶଭକ୍ତି ଗୀତ ଗାନ କରନ୍ତି । ମହାପୁରଷମାନଙ୍କ କାହାଣୀ ଶୁଣନ୍ତି ଏବଂ ଶୁଣାନ୍ତି । ଶେଷରେ ଭାରତ ମାତାଙ୍କୁ ପ୍ରାର୍ଥନା କରି ସେହି ଦିନର ଶାଖା ଶେଷ କରନ୍ତି । ପ୍ରାରମ୍ଭରେ ଲୋକମାନେ ଏହି ଶାଖା ପଦ୍ଧତିକୁ ହସି ଉଡାଉ ଥିଲେ । କିନ୍ତୁ ଡ. ହେଡେଗେଓ୍ୱାର ନିର୍ବିକାର ଭାବରେ ନିଜ କାର୍ଯ୍ୟ କରି ଚାଲିଥିଲେ । ସେ ବୟସ୍କମାନଙ୍କ ପରିବର୍ତ୍ତେ ଛୋଟ ପିଲାମାନଙ୍କୁ ନେଇ କାର୍ଯ୍ୟ ଆରମ୍ଭ କରିଥିଲେ । ଧିରେ ଧିରେ ଶାଖାର ବିସ୍ତାର ହୋଇଥିଲା । ପ୍ରଥମେ ମହାରାଷ୍ଟ୍ର ପରେ ସାରା ଦେଶରେ ଏହା ବିସ୍ତାର ଲାଭ କରିଥିଲା । ଏହି ଶାଖାର ବିସ୍ତାର ପାଇଁ ଡକ୍ଟରଜୀ ସାରା ଦେଶ ପ୍ରବାସ କରିଛନ୍ତି । ପ୍ରତ୍ୟେକ ସ୍ଥାନରେ ଦେଶଭକ୍ତ ନାଗରିକ ଏବଂ ଉତ୍ସାହୀ ଯୁବକମାନେ ସଂଘ ସହିତ ସାମିଲ ହୋଇଛନ୍ତି । ସଂଘ କାର୍ଯ୍ୟ ପାଇଁ ସେ ନିଜ ଶରୀର ଦୀପକୁ ତିଳ ତିଳ କରି ଜାଳିଥିଲେ । ଯାହାର ପ୍ରଭାବ ତାଙ୍କ ଶରୀର ଉପରେ ପଡିଥିଲା । ଶେଷରେ ସେ ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କ ସହିତ ପରାମର୍ଶକରି ଶ୍ରୀ ମାଧବ ସଦାଶିବ ଗୋଲଓ୍ୱାଲକରଙ୍କୁ ନୂତନ ସରସଂଘଚାଳକ ରୂପେ ଦାୟିତ୍ୱ ଅର୍ପଣ କରିଥିଲେ । ୧୯୪୦ ମସିହା ଜୁନ ୨୧ ତାରିଖ ପ୍ରାତଃ ୯ଟା ୨୭ ମିନିଟରେ ସେ ଇହଧାମ ତ୍ୟାଗ କରିଥିଲେ ।

ସମାଜରେ ଭଲ କଲେ କହିବେ ମନ୍ଦ କଲେ ବି କହିବେ । ଏବେ ବି କିଛି ଲୋକ କହୁଛନ୍ତି ସଂଘ ଶାଖାରୁ କ'ଣ ମିଳୁଛି ? ଶାଖାରୁ କ'ଣ ମିଳୁଛି ସେ ବିଷୟରେ ତ ଅନେକ କଥା ଅଛି । ମାତ୍ର ଅଳ୍ପଦିନ ତଳେ ଯାହା ଘଟିଯାଇଛି ସେ ବିଷୟରେ ଉଲ୍ଲେଖ କରୁଛୁ । କରୋନା ସମୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ତରଫରୁ ସ୍ୱଂୟସେବକମାନେ ସେବା ଭାରତୀ ତତ୍ତ୍ୱାବଧାନରେ ଏବଂ ଉତ୍କଳ ବିପନ୍ନ ସହାୟତା ସମିତି ମାଧ୍ୟମରେ ରାଜ୍ୟର ୩୦୬୨ ସ୍ଥାନରେ ସେବାକାର୍ଯ୍ୟ କରିଥିଲେ । ଏହି ସେବାକାର୍ଯ୍ୟରେ ୭୭୪୯ କାର୍ଯ୍ୟକର୍ତ୍ତା ସାମିଲ ଥିଲେ । ସ୍ୱୟଂସେବକମାନଙ୍କ ଦ୍ୱାରା ୩୨,୯୬୭ ରାସନ କିଟ୍, ୧,୮୨,୮୧୫ ଲୋକଙ୍କୁ ଖାଦ୍ୟ ପ୍ୟାକେଟ୍,୧,୯୦,୩୦୫ ମାସ୍କ ବଂଟନ କରାଯାଇଥିଲା । ୧୨୭ ଷ୍ଟେ ହୋମରେ ସହାୟତା, ୨୦,୫୦୪ ପ୍ରବାସୀଙ୍କୁ ସହୟତା, ୭୪୪ ୟୁନିଟ ରକ୍ତଦାନ, ୯୨,୬୦୦ ଜଣଙ୍କୁ କାଢା ବିତରଣ କରାଯାଇଥିଲା । ୧୩୯୫ ଯାଯାବର ଲୋକଙ୍କୁ ସହାୟତା, ୨୧ଟି ଭୋଜନ ବିତରଣ କେନ୍ଦ୍ର ମାଧ୍ୟମରେ ୨୬,୯୮୩ ମଜଦୁରୁଙ୍କୁ ସହାୟତା, ୨୪ଟି କେନ୍ଦ୍ର ମାଧ୍ୟମରେ ୧୭,୨୬୬ ଜଣ ବସ୍ ଓ ରେଳ ଯାତ୍ରୀମାନଙ୍କୁ ସହାୟତା ପ୍ରଦାନ କରାଯାଇଛି । ସେହିପରି ସାରା ଭାରତ ବର୍ଷରେ ସେବା ଭାରତୀ ମାଧ୍ୟମରେ ଦେଶର ୯୨,୬୫୬ ସ୍ଥାନରେ ସେବା କାର୍ଯ୍ୟ ହୋଇଥିଲା । ଯେଉଁଥିରେ ୫,୬୦,୦୦୦ କାର୍ଯ୍ୟକର୍ତ୍ତା ସକ୍ରିୟ ଥିଲେ, ୭୩ ଲକ୍ଷ ରାସନ କିଟ୍ ବଂଟନ କରାଯାଇଥିଲା, ୪.୫ କୋଟି ଲୋକଙ୍କୁ ଖାଦ୍ୟ ପ୍ୟାକେଟ୍ ବଂଟନ କରାଯାଇଥିଲା, ୯୦ ଲକ୍ଷ ମାସ୍କ ବଂଟନ କରାଯାଇଥିଲା, ୨୦ ଲକ୍ଷ ପ୍ରବାସୀମାନଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ୨.୫ ଲକ୍ଷ ଯାଯାବର ଲୋକଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ସ୍ୱୟଂସେବକମାନେ ୬୦ ହଜାର ୟୁନିଟ ରକ୍ତଦାନ କରିଥିଲେ ।

'ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର' ଅଯୋଧ୍ୟାରେ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ନିଧି ସମର୍ପଣ ଅଭିଯାନ ଏକ ବିଶାଳ ଜନ ସଂପର୍କ ଅଭିଯାନରେ ପରିଣତ ହୋଇଥିଲା । ଏହି ଅଭିଯାନରେ ସାରା ଦେଶରେ ସ୍ୱୟଂସେବକମାନେ ୫,୪୫,୭୩୭ ସ୍ଥାନରେ ପହଂଚିଥିଲେ ଏବଂ ପ୍ରାୟ ୨୦ ଲକ୍ଷ କାର୍ଯ୍ୟକର୍ତ୍ତା ଏହି ସଂପର୍କ ଅଭିଯାନରେ ଲାଗିଥିଲେ । ଏହି ଅଭିଯାନ ମାଧ୍ୟମରେ ସ୍ୱୟଂସେବକମାନେ ଦେଶର ୧୨,୪୭,୨୧,୦୦୦ ପରିବାରରେ ପହଁଚି ସଂପର୍କ କରିଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ସମାଜରେ ଆଧାତ୍ମିକ ଜାଗରଣ, ରାଷ୍ଟ୍ରୀୟ ଏକତା, ସମାଜିକ ସମରସତା ଏବଂ ସଦଭାବ ତଥା ସମର୍ପଣର ବିକାଶ ହେବା ସହିତ ଦେଶର ଅନ୍ତର୍ନିହିତ ଶକ୍ତି ଜାଗ୍ରତ ହୋଇ ପାରିଛି । ଏହି ସମସ୍ତ କାର୍ଯ୍ୟ ପାଇଁ ଶକ୍ତି କେନ୍ଦ୍ର ହେଉଛି ଡକ୍ଟରଜୀଙ୍କ ଦ୍ୱାରା ଆବିଷ୍କାର ହୋଇଥିବା 'ଦୈନିକ ଶାଖା' । ସ୍ୱୟଂସେବକମାନେ ଏହି 'ଦୈନିକ ଶାଖା'ରୁ ସବୁ କିଛି ପ୍ରେରଣା ପାଇଛନ୍ତି, ପାଉଛନ୍ତି ଏବଂ ଆଗାମୀ ଦିନରେ ପାଉଥିବେ । 'ଦୈନିକ ଶାଖା' କେତେ ଘାତ ପ୍ରତିଘାତ ଦେଇ ଗତି କରିଛି । ଶେଷରେ କରୋନା ସମୟରେ ଶାଖା ବନ୍ଦ ଥିଲା, କିନ୍ତୁ ସଂଘର ସ୍ୱୟଂସେବକମାନେ ସକ୍ରିୟ ଥିଲେ । କରୋନା କଟକଣା ଉଠିବା ପରେ ଭାରତରେ ୭୪,୦୦୦ ସଂଘ ଶାଖା ଚାଲୁଅଛି । ଓଡିଶାରେ ମଧ ୧୫୬୫ଟି ଶାଖା ଲାଗୁଛି । ବର୍ତ୍ତମାନ ପରିବାର ପ୍ରବୋଧନ, ଗୋ ସେବା, ପର୍ଯ୍ୟାବରଣ ସୁରକ୍ଷା ଏବଂ ସାମାଜିକ ସମରସତା ଗତିବିଧି ଆଦି କାର୍ଯ୍ୟକ୍ରମ ଚାଲୁଅଛି ।

**ଗୋଲଖ ଚନ୍ଦ୍ର ଦାସ,** ଘିଗିଡିଆ, ବାରୁଅ, କେନ୍ଦ୍ରାପଡା, ମୋ-୯୮୬୧୦୨୮୫୫୩




# ଆୟୁର୍ବେଦ ଚିକିତ୍ସା ପୁସ୍ତକ ଉନ୍ମୋଚିତ



ଫୁଲନଖରା:ବିଶିଷ୍ଟ ଆୟୁର୍ବେଦ ଚିକିତ୍ସକ ତଥା ଭାରତ ସରକାରଙ୍କଦ୍ୱାରା ଦୁଇ ଥର ଶ୍ରେଷ୍ଠ ଚିକିତ୍ସକଭାବେ ସମ୍ମାନିତ ଅବସରପ୍ରାପ୍ତ ଜିଲା ମୁଖ୍ୟ ଆୟୁର୍ବେଦ ଚିକିତ୍ସାଧିକାରୀ ଡାକ୍ତର ସ୍ୱପ୍ନେଶ୍ୱର ପଣ୍ଡାଙ୍କଦ୍ୱାରା ଲିଖିତ 'ଆୟୁର୍ବେଦ ଚିକିତ୍ସା ଓ ଶୋଧନ ବିଧି' ପୁସ୍ତକ ଲୋକାର୍ପିତ ହୋଇଛି। ଏହାକୁ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରିଛନ୍ତି। ସମ୍ପ୍ରତି କୋଭିଡ଼ ପରିସ୍ଥିତିରେ ଏହି ପୁସ୍ତକଟି ବେଶ ଉପାଦେୟ ହୋଇପାରିବବୋଲି ପ୍ରଫେସର ଲାଲ ଆଶା ବ୍ୟକ୍ତ କରିଥିଲେ। ପୁରୀର 'ବିଶ୍ୱ ନୟନ ଚାରିଟେବଲ ଟ୍ରଷ୍ଟ' ସମ୍ପାଦିକା ତୃପ୍ତି ପଣ୍ଡାଙ୍କ ପକ୍ଷରୁ ଏହି ସ୍ୱାସ୍ଥ୍ୟରକ୍ଷାଭିତିକ ପୁସ୍ତକଟିକୁ ପ୍ରକାଶ କରାଯାଇଛି। ଏହି ଅବସରରେ ସୂର୍ଯ୍ୟକାନ୍ତ ପଣ୍ଡା ଉପସ୍ଥିତ ଥିଲେ।

## ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଉପରେ ଛାତ କରିବାକୁ ଅଣ୍ଟା ଭିଡିଲେ ଶିକ୍ଷକ ଓ ସମାଜସେବୀ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପରିସରରେ ବହୁବର୍ଷ ପୂର୍ବେ ସୌଭାଗ୍ୟ ବଶତଃ ସ୍ଥାପିତ ହୋଇଥିଲା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି। କିନ୍ତୁ ଦୁଃଖର କଥା ବାରମ୍ବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିବେଦନ ସତ୍ତ୍ୱେ ଏବଂ ବିଭିନ୍ନ ଗଣମାଧ୍ୟମରେ ଏସଂକ୍ରାନ୍ତରେ ଖବର ପ୍ରକାଶ ପାଇବା ପରେବି ସେହି ଗାନ୍ଧୀମୂର୍ତ୍ତି ଉପରେ ଛାତଟିଏ ପଡିପାରିଲା ନାହିଁ। ଏତଦବ୍ୟତିତ ସେହି ଗାନ୍ଧିମୂର୍ତ୍ତି ତଳେ ଥିବା ସ୍ମୃତିଫଳକଟି ମଧ୍ୟ ସଂପୂର୍ଣ୍ଣ ନଷ୍ଟ ହୋଇଗଲାଣି। ଏଭଳି ଏକ ମାର୍ମିକ ଘଟଣାରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଶେଷରେ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟର ସେବାନିବୃତ୍ତ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ନାଥ ସ୍ୱାଇଁଙ୍କ ପରାମର୍ଶରେ ସାମାଜିକ କର୍ମୀ ନଳିନୀକାନ୍ତ ପୃଷ୍ଟି, ପରିବେଶବିତ ତଥା ଶିକ୍ଷକ ପାର୍ଥସାରଥୀ ବେହେରା, ହେମନ୍ତ କୁମାର ଜେନା, ରାଜେନ୍ଦ୍ର କୁମାର ରାଉତ, ରଞ୍ଜନ କୁମାର ଜେନା, ଅନ୍ନପୂର୍ଣ୍ଣା ବିହାରୀ ପ୍ରମୁଖ ଏକ ମିଳିତ ନିଷ୍ପତ୍ତି ନେଇ ଅବିଳମ୍ବେ ସେହି ଗାନ୍ଧୀ ପ୍ରତିମୂର୍ତ୍ତି ଉପରେ ଛାତ ଓ ସ୍ମୃତିଫଳକକୁ ନିଜ ଖର୍ଚ୍ଚରେ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅନୁମତି ଲୋଡିଥିବା ଜଣାପଡିଛି। ପ୍ରକାଶ ଥାଉକି ସେହି ଗାନ୍ଧୀମୂର୍ତ୍ତି ଉପରେ ଚଢେଇ, ମାଙ୍କଡ ପ୍ରଭୃତି ମଳତ୍ୟାଗ କରିବା ଓ ଖରାବର୍ଷାରେ ମୂର୍ତ୍ତିଟି ଶ୍ରୀହୀନ ହେବା ଘଟଣା ଅତ୍ୟନ୍ତ ଦୁଃଖ ଓ କ୍ଷୋଭର ବିଷୟ। ଗାନ୍ଧୀଙ୍କ ଫଟୋଚିତ୍ର ଓ ଅଦ୍ୱିତୀୟ ଚଷମାକୁ ନେଇ ସାରା ଦେଶରେ ଦୈନିକ ନୂତନ ଯୋଜନା ହେଉଥିବା ବେଳେ ଶିକ୍ଷା ବିଭାଗର ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପ୍ରତି ଏଭଳି ଅବହେଳା ସାଧାରଣରେ ବ୍ୟଥିତ କରିଛି। ଶିକ୍ଷା କାର୍ଯ୍ୟାଳୟରେ ଦୈନିକ ଅସମ୍ଭବ ଗହଳି ପରିଲକ୍ଷିତ ହେଉଥିବା ବେଳେ ଏବଂ ହାତଚିକଣ କରି ଚାଲିଥିବା ବିଭାଗର କର୍ମଚାରୀମାନଙ୍କର ଏହି ମୂର୍ତ୍ତିପ୍ରତି ନଜର ଆନ୍ଦାଜକୁ ସାଧାରଣ ଜନତା ନାପସନ୍ଦ କରିଛନ୍ତି।

## ବାପକୁ ମାଡ ମାରିବା ଅଭିଯୋଗରେ ପୁଅ ଗିରଫ

ଖଣ୍ଡପଡ଼ା:ଖଣ୍ଡପଡା ଥାନା ଅଧିନ ବେଣାଗାଡିଆ ଗ୍ରାମରେ ବୃଦ୍ଧ ବାପକୁ ନିସ୍ତୁକ ମାଡମାରି ରକ୍ତାକ୍ତ କରିଥିବା ଅଭିଯୋଗରେ ପୁଅକୁ ପୋଲିସ ଗିରଫ କରିଥିବା ଜଣାଯାଇଛି। ବେଣାଗାଡିଆ ଗ୍ରାମର ନିରଂଜନ ଦାସ(୬୨)ଙ୍କୁ ପୁଅ ରବିନ୍ଦ୍ର ସଦା ସର୍ବଦା ମାଡ ମାରିବା ସହ ଠିକ ରୁପେ ଖାଇବାକୁ ନଦେଇ ହଇରାଣ କରିଥାନ୍ତି। କୌଣସି କାରଣକୁ କେନ୍ଦ୍ର କରି ରବିବାର ପାଟିତୁଣ୍ଡ ହେବା ପରେ ରବିନ୍ଦ୍ର ଦାସ(୩୮) ତାର ବାପାଙ୍କୁ ନିସ୍ତୁକ ମାଡ ମାରିବା ଯୋଗୁଁ ତାଙ୍କର ମୁଣ୍ଡ ଫାଟିବା ସହ ଆଖିପତାରେ ଗଭୀର କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା । ଘଟଣା ସଂପର୍କରେ ନିରଂଜନ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ରବିନ୍ଦ୍ରକୁ ସୋମବାର କୋର୍ଟ ଚାଲାଣ କରିଥିବା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ଠାରୁ ପ୍ରକାଶ।

## ବିଜେପିର ବୈଠକ

ଆନନ୍ଦପୁର: ଆନନ୍ଦପୁର ବ୍ଲକ ବାଇଲୋ ପଂଚାୟତ ହାତୀବନ୍ଧା ଗ୍ରାମରେ ବିଜେପିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବେଲବାହାଳି ମଣ୍ଡଳ ସଭାପତି ଅନାଦି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ସେଠୀ, ବରିଷ୍ଠ ନେତା ଡଃ. ଶମ୍ଭୁନାଥ ରାଉତ, ବରିଷ୍ଠ ନେତା ରାମଚନ୍ଦ୍ର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ଞାନରନ ସାମନ୍ତସିଂହାର, ଶାଳବଣି ମଣ୍ଡଳ ସଭାପତି ଟୁକୁନା ମହାନ୍ତ, ଉଦ୍ଧବ ଚରଣ ଓଝା, ହରିହର ବାରିକ ପ୍ରମୁଖ ଯୋଗ ଦେଇ ସାଂଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

# ଗୁରୁ ଦିବସରେ ଶିକ୍ଷକ ସମ୍ମାନୀତ

କେନ୍ଦୁଝର: ଗତ ସେପ୍ଟେମ୍ବର ମାସ ୫ତାରିଖରେ ଭୁବନେଶ୍ୱର ଓଡିଶା ଶିକ୍ଷାମନ୍ତ୍ରୀଙ୍କ ବାସଭବନରେ ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ ଆନୁକୂଲ୍ୟରେ ୨୭ତମ ଗୁରୁଦିବସ ପାଳିତ ହୋଇଯାଇଛି । ୟୁଟିଆ ସଭାପତି ଉପେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିକ୍ଷା ମନ୍ତ୍ରୀଙ୍କ ବାସଭବନ ସଭାଗୃହରେ ଓଡିଶା ୟୁଟିଆ ସାଧାରଣ ସମ୍ପାଦକ ରାଜ୍ୟରେ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ ସହିତ ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ସମସ୍ୟା କିପରି ଦୂର ହୋଇପାରିବ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ୟୁଟିଆ ଶିକ୍ଷକ ସଂଘ ମାଧ୍ୟମରେ ରାଜ୍ୟରେ ଶିକ୍ଷା କ୍ଷେତ୍ରରେ କିପରି ଅଗ୍ରଣୀ ଭୂମିକା ନେଇପାରିବ ସେ ସମ୍ବନ୍ଧରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରନ ଦାସ ପରାମର୍ଶ ଦେଇଥିଲେ। ଓଡିଶାର ବିଭିନ୍ନ ଜିଲ୍ଲାରୁ କୃତୀ ଶିକ୍ଷକ ମାନଙ୍କୁ ମୁଖ୍ୟଅତିଥି ସମ୍ମାନୀତ କରିଥିଲେ । କେନ୍ଦୁଝର ଜିଲ୍ଲାରୁ ହରିଚନ୍ଦନପୁର ବ୍ଲକର ଚନ୍ଦନଗିରି ହାଇସ୍କୁଲର ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ନନ୍ଦ ଓ ଜଂଘିରା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରନ ପାତ୍ର ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ସମ୍ମାନୀତ ହେବା ସହିତ ତାଙ୍କ ଠାରୁ ମାନପତ୍ର ଓ ଉପଢୌକନ ଗ୍ରହଣ କରିଥିଲେ । ହରିଚନ୍ଦନପୁର ବ୍ଲକ ସହିତ ଜିଲ୍ଲାର ଶିକ୍ଷକ ମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି। ରାଜ୍ୟ ୟୁଟିଆ ସାଧାରଣ ସମ୍ପାଦକଙ୍କ ଉଦ୍ୟମରେ ଭୁବନେଶ୍ୱର ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ସଭାଗୃହରେ କୋଭିଡ୍ କଟକଣା ସତ୍ତ୍ୱେ ଗୁରୁଦିବସ ପାଳନ ହୋଇଥିବାରୁ ରାଜ୍ୟ ତଥା ଜିଲ୍ଲାବାସୀ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ବୁଢୀ ମା'

ଆନନ୍ଦପୁର: ଜମି ଅଛି ଆବାସ ଗୃହ ଠାରୁ ଆରମ୍ଭ କରି ସମସ୍ତ ସରକାରୀ ସୁବିଧା ରହିଛି । ହେଲେ ପୁଅର ଅତ୍ୟାଚାରରେ ଅତିଷ୍ଠ ହୋଇ ବୁଢୀ ମା' ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛି। ତାଙ୍କ ଅଭିଯୋଗ ଅନୁଯାୟୀ ଭାଗ ଚାଷରେ ଦିଆଯାଇଥିବା ନିଜସ୍ୱ ଜମିରୁ ଉପାର୍ଜିତ ଅର୍ଥ ପୁଅ ଜୋରଜବରଦସ୍ତ ହଡପ କରି ନେଉଛି । ରାସନ କାର୍ଡରେ ୫କେ.ଜି. ଚାଉଳ ମିଳୁଛି ହେଲେ ଗଣ୍ଡେ ଦାନା ମିଳୁନି । ତେଣୁ ସ୍ୱାମୀ ପରିତ୍ୟକ୍ତା ଝିଅ ସହାୟତାରେ ଉପଜିଲ୍ଲାପାଳଙ୍କୁ ଭେଟିବାକୁ ଆସିଥିବା କହିଛନ୍ତି। ଏଭଳି ଅଭିଯୋଗ ଆଣିଛନ୍ତି ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ବଣିଆରୀ ଗ୍ରାମର ୭୦ ବର୍ଷିୟା ରଜନୀ ସାହୁ । ତିନିବର୍ଷ ଧରି ଏକମାତ୍ର ପୁଅର ଅତ୍ୟାଚାରରେ ଶିକାର ହୋଇ ଆସୁଥିବା ରଜନୀ ଅନେକ ଥର ନନ୍ଦିପଦା ଥାନାରେ ଅଭିଯୋଗ କରିବା ସହିତ ପୂର୍ବରୁ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଛନ୍ତି । ହେଲେ ତାଙ୍କୁ ନ୍ୟାୟ ମିଳୁନଥିବା ଅଭିଯୋଗ ହୋଇଛି । ଏପରିକି ରାସନକାର୍ଡରେ ପୁଅ ବୋହୂଙ୍କ ନାମ ରହିଥିବାରୁ ରାସନ ସାମଗ୍ରୀ ଚାଉଳ ଗଣ୍ଡାକୁ ପୁଅ ନେଇ ଯାଉଥିବା ଅଭିଯୋଗ ହୋଇଛି। ରଜନୀଙ୍କ ପାଇଁ ଆବାସ ଘର ଥିବା ସହିତ ପୁଅ ଓ ସ୍ୱାମୀ ପରିତ୍ୟକ୍ତା ଝିଅ (ଯିଏ କି ମା' ପାଖରେ ରହୁଛି)ଙ୍କୁ ମଧ୍ୟ ଆବାସ ଘର ମିଳିଛି । ବୁଢୀମା' ଝିଅ ଦାୟିତ୍ୱରେ ରହୁଥିବା ବେଳେ ଜମିରୁ କୌଣସି ଆୟ ପାଉନାହାଁନ୍ତି କି ରାସନ ଗଣ୍ଡାକ ମଧ୍ୟ ଠିକ୍ ଭାବେ ପାଉ ନାହାଁନ୍ତି । ଏଭଳି ହୃଦୟଭରା ଘଟଣା ଶୁଣିବା ପରେ ଉପଜିଲ୍ଲାପାଳ ପୁଅ ନାମ ସହିତ ରହିଥିବା ରାସନ କାର୍ଡରୁ ତାଙ୍କ ନାମ ହଟାଯାଇ ଝିଅକୁ ମିଳିଥିବା ରାସନ କାର୍ଡରେ ସାମିଲ କରିବାକୁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ମା'କୁ ହଇରାଣ କରୁଥିବା ପୁଅକୁ ଦଣ୍ଡବିଧାନର ବ୍ୟବସ୍ଥା କରିବା ନିମନ୍ତେ ଆଶ୍ୱସନା ଦେଇଛନ୍ତି ।

## ଅବିଶ୍ରାନ୍ତ ବର୍ଷା, ଜନଜୀବନ ପ୍ରଭାବିତ

ଖଣ୍ଡପଡ଼ା: ଲଘୁଚାପ ପ୍ରଭାବରେ ରବିବାର ମଧ୍ୟ ରାତ୍ରରୁ ଖଣ୍ଡପଡା ଓ ଏହାର ଆଖପାଖ ଅଂଚଳରେ ଅବିଶ୍ରାନ୍ତ ବର୍ଷା ଲାଗି ରହୁଛି। ବର୍ଷା ଯୋଗୁଁ ଜନ ଜୀବନ ପ୍ରଭାବିତ ହୋଇଥିବା ବେଳେ ଚାଷୀଙ୍କ ମୁହଁରେ ହସ ଆଣି ଦେଇଛି। ପାହାଡିଆ ଓ ଜଳକିଷ୍ଟ ଅଂଚଳ ସମେତ ଡିପଜମି ଗୁଡିକରେ ଧାନ ଫସଲ ସୁଧୁରି ଯିବାର ସମ୍ଭାବନା ଦେଖା ଦେଇଛି । ଖଣ୍ଡପଡା ଅଂଚଳ ଦେଇ ପ୍ରବାହିତ କୁସୁମୀ, ଆମ୍ବନାଳ, କୁଆଁରିଆ, ଡାହୁକା, ଲୁଣିଝରା ପ୍ରଭୃତି ନଦୀରେ ବର୍ଷା ପାଣି ଦୁଇକୂଳ ଖାଇ ପ୍ରବାହିତ ହେଉଥିବା ବେଳେ ସୁନାମୁହଁ, ସିଂଘାପଡା ନିକଟସ୍ଥ ମୋଡାନାଳ ଓ କୋସକା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡିକରେ ଜଳଧାରଣ କ୍ଷମତା ବୃଦ୍ଧି ପାଇଛି ।

## ଷ୍ଟାଫସିଲେକସନ ଦୁର୍ନୀତିର ଚେର ତୃତୀୟ ମହଲା ପର୍ଯ୍ୟନ୍ତ ଲମ୍ବିଛି :କଂଗ୍ରେସ

ଭୁବନେଶ୍ୱର: ସ୍ୱଚ୍ଛ ସରକାରର ଡିଣ୍ଡିମ ପିଟୁଥିବା ନବୀନ ସରକାରର ଅସଲ ମୁଖା ଏବେ ଲୋକଲୋଚନକୁ ଆସିଛି। ଦୁର୍ନୀତିକୁ ରୋକିବା ପାଇଁ ୫ଟି ବିଭାଗ ନବୀନବାବୁ ସୃଷ୍ଟି କଲେ। କିନ୍ତୁ ବାସ୍ତବଚିତ୍ର ଓଡ଼ିଶାରେ ପ୍ରତ୍ୟେକ କ୍ଷେତ୍ରରେ ଦୁର୍ନୀତି ଏତେ ମାତ୍ରାରେ କାୟା ବିସ୍ତାର କରିଛି ଯେ ତାହା ନକହିଲେ ନସରେ ବୋଲି ପୂର୍ବତନ ବିଧାୟକ ତଥା ବରିଷ୍ଠ ମୁଖପାତ୍ର ଡ. ଦେବାଶିଷ ପଟ୍ଟନାୟକ ଆଜି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସେ କହିଛନ୍ତି ଯଦି ଶାସନ ବ୍ୟବସ୍ଥାରେ ଟ୍ରାନଫରେନ୍ସିକୁ ଗୁରୁତ୍ୱ ଦିଆଯାଇଥାନ୍ତା ତାହେଲେ ଓଡ଼ିଶା ସରକାରଙ୍କ ଷ୍ଟାଫସିଲେକସନ କମିସନର ସଚ୍ଚିବଙ୍କର ସାମନ୍ୟ ଜଣେ ବ୍ୟକ୍ତିଗତ ସହାୟକଙ୍କ ଘରୁ କୋଟି କୋଟି ଟଙ୍କା ସମେତ ଅଚଳାଚଳ ସ୍ଥାବର ସମ୍ପତି ସୁନା ଅଳଙ୍କାର ବାହାରୁଛି କିଭଳି। ତଦନ୍ତରୁ ଯାହା ଜଣାପଡ଼ିଲା ଷ୍ଟାଫସିଲେକସନ ବ୍ୟକ୍ତିଜଣଙ୍କ ରାଜ୍ୟର ଶିକ୍ଷିତ ଯୁବକଯୁବତୀଙ୍କର ଭାଗ୍ୟ ସହିତ ଦୀର୍ଘ ୨୦ ବର୍ଷଧରି ଖେଳଖେଳୁଥିଲେ। ସରକାର ଚାକିରୀ ବିକ୍ରି କରୁଥିଲେ ଓଡ଼ିଶାର ଶୀକ୍ଷିତ ମେଧାବୀ ଛାତ୍ରଛାତ୍ରୀଙ୍କର ଭବିଷ୍ୟତକୁ ପାଦରେ ଦଳି ଦେଇ ଫୋଫାଡ଼ି ଦେଇପାରୁଥିଲେ। ଆଶାୟୀ ପ୍ରାର୍ଥୀଙ୍କ ପାଖରୁ ଲକ୍ଷ ଲକ୍ଷ ଟଙ୍କା ଚାକିରୀ ଦେବାର ଭରସା ଦେଇ ଆଦାୟ କରାଯାଉଥିଲା। ଏହି ଟଙ୍କା କ'ଣ କେବଳ ବିରଂଚି ସାହୁ ନେଉଥିଲେ ନା ଏହାର ସିଂଘ ଭାବ କମିସନର, ସଦସ୍ୟ ଓ ତଥା ସଦସ୍ୟ ସଚ୍ଚିବ ଏବଂ ତୃତୀୟ ମହଲାରେ ନବୀନ ବାବୁଙ୍କ ଚୁର୍ତୁପାଶ୍ୱରେ ଘୁରିବୁଲୁଥିବା ବାବୁମାନେ ନେଉଥିଲେ କି ? ଓଡ଼ିଶାରେ ହଜାର ହଜାର ଯୁବକଯୁବତୀ ମାନଙ୍କୁ ସ୍ୱଳ୍ପ ଦରମାରେ ମେନପାୱାର କନନଂସୋଲେଟାନ୍ସି ମାଧ୍ୟମରେ ନିଯୁକ୍ତି ଚାଲିଛି ଏଥିରେ ମୂଳ ଦରମାର ୩୦% ତୃତୀୟ ମହଲାରେ ବାବୁମାନଙ୍କ ପକେଟକୁ ଯାଉଛି ବୋଲି ବହୁ ଆଭାସ ମିଳିଲାଣି। ଏସବୁ କ'ଣ ଓଡ଼ିଶା ଭିଜିଲାନ୍ସ ତଦନ୍ତ କରିବତ ନା ନବୀନବାବୁଙ୍କ ୫ଟିର ଏହା ପରିସରଭୁକ୍ତ ନୁହେଁ। ଖୋଦ ମୁଖ୍ୟମନ୍ତ୍ରୀ ଦୁର୍ନୀତିରେ ଲିପ୍ତ ବୋଲି ଡ. ପଟ୍ଟନାୟକ କହିଛନ୍ତି।କୋର୍ଟର ତତ୍ୱାବଧାନରେ ତଦନ୍ତ ଦାବି କରିବା ସହିତ ଷ୍ଟାଫସିଲେକସନ କମିସନର, ମେମ୍ବର ଓ ସଚ୍ଚିବମାନଙ୍କୁ ତଦନ୍ତ ପରିସର ଭୁକ୍ତ କରାଯାଉ ଏବଂ ଯେ ପର୍ଯ୍ୟନ୍ତ ତଦନ୍ତ ସରିନାହିଁ ସେପର୍ଯ୍ୟନ୍ତ କମିସନରଙ୍କ ଠାରୁ ଆରମ୍ଭ କରି ସମସ୍ତ ସଦସ୍ୟ ଓ ସଚ୍ଚିବମାନଙ୍କୁ କାର୍ଯ୍ୟରୁ ବାହାର କରାଯାଉ କଂଗ୍ରେସ ଦାବି କରୁଛି ବୋଲି ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ କହିଥିଲେ। ଗତ ୨୦ ବର୍ଷଧରି କେଉଁ ପଦବୀ ପାଇଁ କେବେ ପରୀକ୍ଷା ହେଇଥିଲା, କେତେ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ, ଫଳ କେବେ ବାହାରିଥିଲା ଓ କେତେ ନିଯୁକ୍ତି ପାଇଛନ୍ତି ତାହାର ସବିଶେଷ ତଥ୍ୟ ଜନସାଧାରଣଙ୍କ ଆଗରେ ତଥ୍ୟ ପ୍ରଦାନ କରନ୍ତୁ ବୋଲି ଦାବିକରିଛି କଂଗ୍ରେସ। ଓଡ଼ିଶା ସରକାର ଓପିଏସି ଓ ଷ୍ଟାଫସିଲେକସନ କମିସନଙ୍କୁ ଥଇଥାନ କେନ୍ଦ୍ର ନ କରନ୍ତୁ ବୋଲି ଶ୍ରୀ ଦାଶ କହିଛନ୍ତି। ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଥିଲେ ଛାତ୍ରମାନଙ୍କୁ ଚାକିରୀ ଦେବାନାରେ ସେମାନଙ୍କ ଠାରୁ ଅର୍ଥ ଲୁଟକରି ଯେଉଁ ପ୍ରତାରଣା କରିଚାଲିଛନ୍ତି ତାକୁ ଛାତ୍ର ସମାଜ କେବେ ବରଦାସ୍ତ କରିବନାହିଁ। ଏହି ଦୁର୍ନୀତିକୁ ନେଇ ଛାତ୍ର କଂଗ୍ରେସ ଆଗାମୀ ତିନି ଦିନ ମଧ୍ୟରେ ୩୩ ଗୋଟି ସାଙ୍ଗଠନିକ ଜିଲ୍ଲାରେ ଆନ୍ଦୋଳନ କରିବ ଏବଂ ଆଗାମୀ ଦିନରେ ଛାତ୍ର କଂଗ୍ରେସ ନବୀନ ନିବାସ ଘେରାଉ ସହ ବିଧାନସଭା ଆଗରେ ବଡ଼ଧରଣର ଆନ୍ଦୋଳନ କରିବାକୁ ନିଷ୍ପତି ନେଇଛି।

# ୧ ଲକ୍ଷ ଦୁଗ୍ଧ ଚାଷୀଙ୍କୁ ମିଳିଲା ୧୧ କୋଟି ଟଙ୍କାର ସ୍ୱତନ୍ତ୍ର କୋଭିଡ ସହାୟତା : ରାଜ୍ୟ ସରକାର ଗରିବ ଲୋକଙ୍କ ସାଥିରେ ଅଛନ୍ତି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ରାଜ୍ୟର ଦୁଗ୍ଧ ଚାଷୀ ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କୋଭିଡ ସହାୟତା ପ୍ରଦାନ କରିଛନ୍ତି। ଏହାଦ୍ୱାରା ଏକ ଲକ୍ଷ ଦୁଗ୍ଧ ଚାଷୀ ୬୦୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ପାଇଛନ୍ତି। ସମୁଦାୟ ୧୧ କୋଟି ଟଙ୍କାର ସହାୟତା ଦିଆଯାଇଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରଥମେ ଅଲମ୍ପିକ୍ ରେ ଭାରତର ସଫଳତା ପାଇଁ ଭାରତୀୟ ଟିମ୍ କୁ ଅଭିନନ୍ଦନ ଜଣାଇ କହିଲେ ଯେ ଭାରତୀୟ ହକୀ ଦଳର ଅନନ୍ୟ ସଫଳତା ପାଇଁ ଆମେ ସମସ୍ତେ ଗର୍ବିତ।ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜ୍ୟ ସରକାର ସବୁବେଳେ ଗରିବ ଲୋକଙ୍କ ସାଥିରେ ଅଛନ୍ତି ଓ ସେମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ କାମ କରୁଛନ୍ତି। ଗରିବ ଲୋକଙ୍କ ଉପରେ କୋଭିଡ ମହାମାରୀର ପ୍ରଭାବ କମ୍ କରିବା ପାଇଁ ରାଜ୍ୟ ସରକାର ଛୋଟ ଦୋକାନୀ, ଛୋଟ ଚାଷୀ, ମିଶନ ଶକ୍ତିର ମା – ସମସ୍ତଙ୍କ ଆକାଉଂଟରେ ୨୦୦୦ କୋଟିରୁ ଅଧିକ ଟଙ୍କା ଜମା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ଏହା ସେମାନଙ୍କ ରୋଜଗାର ବଢାଇବା ସହିତ ଗ୍ରାମ ଅର୍ଥନୀତିକୁ ମଧ୍ୟ ଚଳଚଂଚଳ କରେ। ମା ମାନଙ୍କ ରୋଜଗାର ବଢାଇବା ସହିତ ସାଧାରଣ ଲୋକଙ୍କ ବିଶେଷକରି ପିଲାମାନଙ୍କ ପୁଷ୍ଟି ସାଧନରେ ଦୁଗ୍ଧର ବହୁତ ବଡ ଭୂମିକା ରହିଛି ବୋଲି ସେ କହିଥିଲେ। ତେଣୁ ଦୁଗ୍ଧ ଉତ୍ପାଦନରେ ଅଭିବୃଦ୍ଧି ଆଣି ରାଜ୍ୟର ପୁଷ୍ଟି ସ୍ତରକୁ ଆହୁରି ଉନ୍ନତି ଆଣିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ମୁଖ୍ୟମନ୍ତ୍ରୀ କହିଥିଲେ ଦୁଗ୍ଧ ଚାଷୀଙ୍କ ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରି ରିହାତି ଯୋଗାଇ ଦେଉଛନ୍ତି। ଚାଷୀମାନେ ଏହି ଯୋଜନାର ଉପଯୋଗ କରି ରାଜ୍ୟର ଦୁଗ୍ଧ ଉତ୍ପାଦନ ଲକ୍ଷ୍ୟ ପୂରଣରେ ସହଯୋଗ କରିବା ପାଇଁ ସେ ଅନୁରୋଧ କରିଥିଲେ।ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଅରୁଣ ସାହୁ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ। ୫-ଟି ଓ ମୋ ସରକାର ରାଜ୍ୟ ପ୍ରଶାସନର ମୂଳମନ୍ତ୍ର ବୋଲି ପ୍ରକାଶ କରି ସେ କହିଲେ ଯେ ଏହାର ପ୍ରୟୋଗ ଦ୍ୱାରା ରାଜ୍ୟ ପ୍ରାଣୀ ସଂପଦ କ୍ଷେତ୍ରରେ ପରିବର୍ତ୍ତନର ଧାରା ଆସିପାରିଛି । ହକିରେ ଭାରତର ବିଜୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ମଧ୍ୟ କୃତଜ୍ଞତା ପ୍ରକାଶ କରି ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଅବଦାନ ଯୋଗୁ ଆଜି ଓଡିଶା ବିଭିନ୍ନ କ୍ଷେତ୍ରରେ ଗୌରବାନ୍ୱିତ ହୋଇପାରିଛି ।ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ନବରଂଗପୁର ବିଧାୟକ ସଦାଶିବ ପ୍ରଧାନୀ ଓ ବଡମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ପ୍ରମୁଖ ସେମାନଙ୍କର ବକ୍ତବ୍ୟରେ ଚାଷୀ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ ।କାର୍ଯ୍ୟକ୍ରମରେ ବରଗଡ, ନବରଂଗପୁର ଓ କଟକର ୩ ଜଣ ଚାଷୀ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇ ସ୍ୱତନ୍ତ୍ର ସହାୟତା ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ବରଗଡରୁ ଶ୍ରୀମତୀ ସତ୍ୟବତୀ ସାହୁ, ନବରଂଗପୁରରୁ ଶ୍ରୀ ଖୋକନ ବିଶ୍ୱାସ ଓ କଟକରୁ ଶ୍ରୀମତୀ ବିଜୟଲକ୍ଷ୍ମୀ ସ୍ୱାଇଁ ଆଲୋଚନାରେ ଭାଗ ନେଇ କହିଥିଲେ ଯେ ରାଜ୍ୟ ସରକାର ସେମାନଙ୍କ ଦୁଗ୍ଧ ଚାଷ ପାଇଁ ଅନେକ ପ୍ରକାଶ ସହାୟତା ଦେଉଛନ୍ତି । ଗୋଖାଦ୍ୟ, ଔଷଧ, କ୍ୟାଲସିଅମ, ମିନେରେଲ ମିକ୍ସଚର ଆଦି ଅନେକ ସହାୟତା ମିଳୁଛି । ଦୁଗ୍ଧ ଚାଷ ଦ୍ୱାରା ସେମାନଙ୍କ ଆର୍ଥିକ ଉନ୍ନତି ହେବା ସହିତ ସେମାନେ ପିଲାମାନଙ୍କୁ ଉଚ୍ଚ ଶିକ୍ଷା ଦେଇପାରିଛନ୍ତି ଏବଂ ଘର ଖଣ୍ଡେ ଖଣ୍ଡେ କରିପାରିଛନ୍ତି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ମତ୍ସ୍ୟ ଓ ପଶୁସଂପଦ ବିଭାଗର ସଚିବ କେ. ରଘୁ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ଆର.କେ. ଶର୍ମା ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ ।ସୂଚନାଯୋଗ୍ୟ ଯେ ଓମ୍‌ଫେଡ ଜରିଆରେ ରାଜ୍ୟର ୩୭୦୦ ଦୁଗ୍ଧ ଉତ୍ପାଦନ ସମବାୟ ସମିତି ଏବଂ ୨.୬୩ ଲକ୍ଷ ଦୁଗ୍ଧ ଚାଷୀ ଏହା ଜରିଆରେ ଦୁଗ୍ଧ ଉତ୍ପାଦନ କରୁଛନ୍ତି। ଏଥିରେ ୧୨୯୨ଟି ମହିଳା ସମବାୟ ସମିତି ରହିଛି ଏବଂ ୧ ଲକ୍ଷ ୫ ହଜାର ମହିଳା ଚାଷୀ ମଧ୍ୟ ଦୁଗ୍ଧ ଉତ୍ପାଦନରେ ଯୋଗଦାନ ରଖିଛନ୍ତି।

## ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ସୋରଡା ବିଧାୟକଙ୍କ ସଭ୍ୟ ପଦ ରଦ୍ଦ କରାଯାଉ: ବିଜେପି

ଭୁବନେଶ୍ୱର: ଶିକ୍ଷାଗତ ଯୋଗ୍ୟତା ନେଇ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ଅଭିଯୋଗରେ ସୋରଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁଙ୍କ ବିରୋଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଛି ରାଜ୍ୟ ବିଜେପି । ଗତ ୩ଟି ବିଧାନସଭା ନିର୍ବାଚନରେ ସୋରଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ ତାଙ୍କର ଶିକ୍ଷାଗତ ଯୋଗ୍ୟତାକୁ ନେଇ ତିନି ପ୍ରକାରର ମିଛ ଆଫିଡିଭିଟ୍ ଦେଇଛନ୍ତି।୨୦୦୯ରେ ଆଫିଡିଭିଟରେ ସେ ଲେଖିଛନ୍ତି ୧୦ମ ଶ୍ରେଣୀ ପାସ୍ କରିଛନ୍ତି, ୨୦୧୪ରେ ସେ କହୁଛନ୍ତି ୯ମ କ୍ଲାସ ପାସ୍ କରିଛନ୍ତି ପୁଣି ୨୦୧୯ରେ ସେ କହୁଛନ୍ତି ଯେ ୯ମ କ୍ଲାସ ପାସ୍ କରିଛନ୍ତି । ମାତ୍ର ଏବେ ଗଣମାଧ୍ୟମରେ ସେ ୨୦୨୧ରେ ୧୦ମ ପରୀକ୍ଷା ଦେଉଥିବା ଦେଖିବାକୁ ମିଳିଛି। ତେଣୁ ତାଙ୍କର ଏ ତିନୋଟି ଯାକ ତଥ୍ୟ ସତ୍ୟପାଠ ନୁହେଁ ବରଂ ସମ୍ପୂର୍ଣ୍ଣ ମିଥ୍ୟାପାଠ।

## ଗରିବ ଲୋକଙ୍କୁ ଘର ପାଇବାରୁ ବଂଚିତ ଲାଗି ବିଜେପି ଷଡଯନ୍ତ୍ର ଚଳାଇଛି: ବିଜେଡି

ଭୁବନେଶ୍ୱର, ୦୫ ଅଗଷ୍ଟ – ଓଡିଶାର ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏୱାଇ) ଯୋଜନାରେ ଘର ପାଇବାରୁ ବଂଚିତ କରିବାପାଇଁ ବିଜେପିର ଷଡଯନ୍ତ୍ର ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଦୁଃଖଦ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି । ରାଜ୍ୟ ବିଜେପି ସଭାପତିଙ୍କ ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ମୁଖପାତ୍ର କହିଛନ୍ତି ଯେ ଇଏ ହେଉଛି ସେହି ସମାନ କେନ୍ଦ୍ର ସରକାର ଯିଏ ଗ୍ରାମାଂଚଳ ଗୃହ ନିର୍ମାଣ କ୍ଷେତ୍ରରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଓଡିଶାକୁ ପୁରସ୍କୃତ କରିଛି । ଆଗକୁ ପଂଚାୟତ ନିର୍ବାଚନ ଆସୁଥିବାରୁ ଗରିବ ଲୋକଙ୍କ ଅଧିକାରକୁ ନେଇ ବିଜେପି ରାଜନୀତି କରିବା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସେମାନଙ୍କୁ ଘର ପାଇବାରୁ ବଂଚିତ ଲାଗି ଷଡଯନ୍ତ୍ର କରୁଛି, ଯାହା କି ସେମାନଙ୍କର ଅଧିକାର ବୋଲି ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି କହିଛନ୍ତି ।

## କରୋନାରେ ଆଉ ୬୮ ଜଣଙ୍କର ମୃତ୍ୟୁ , ମୋଟ ମୃତ୍ୟୁ ସଂଖ୍ୟା ୬୨୩୬ ହେଲା

ଭୁବନେଶ୍ୱର: ରାଜ୍ୟରେ କରୋନାରେ ଆଉ ୬୬ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୬୨୩୬ ହୋଇ ଯାଇଛି ।ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୧୧ ଜଣ ଭୁବନେଶ୍ୱରର ରହିଛନ୍ତି । ସେହିପରି ପୁରୀ ଓ ସୁନ୍ଦରଗଡ ଜିଲ୍ଲାରେ ୧୨-୧୨ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି। କଟକ ଜିଲ୍ଲାରେ ୧୧ ଜଣ ଓ କେନ୍ଦ୍ରାପଡା ଜିଲ୍ଲାରେ ୪ ଜଣଙ୍କର ମୃତ୍ୟୁ ଘଟିଛି। ବରଗଡ ଜିଲ୍ଲାରେ ୩ ଜଣଙ୍କ ମୃତ୍ୟୁ ଘଟିଛି । ବାଲେଶ୍ୱର ଓ ଢେଙ୍କାନାଳ ଜିଲ୍ଲାରେ ୨-୨ ଜଣ ଲେଖାଏଁ ମୃତ୍ୟୁ ବରଣ କରିଛନ୍ତି । ଭଦ୍ରକ, ଯାଜପୁର, କେନ୍ଦୁଝର, ନୟାଗଡ, ମୟୂରଭଂଜ, ନବରଙ୍ଗପୁର, ନୂଆପଡା, ସମ୍ବଲପୁର, ବଲାଙ୍ଗୀର ଜିଲ୍ଲାରେ ଜଣେ ଲେଖାଏଁ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବା ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ।

## ଉଚ୍ଚଶିକ୍ଷା ଓ ଗଣଶିକ୍ଷା ବିଭାଗର ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ବୈଠକ

ଭୁବନେଶ୍ୱର: ରାଜ୍ୟରେ ଶିକ୍ଷା ବ୍ୟବସ୍ଥା, ଶିକ୍ଷା କ୍ଷେତ୍ରରେ ଭାରତ ସରକାରଙ୍କ ବିଭିନ୍ନ ଯୋଜନା ଅଧୀନରେ ନିଆଯାଇଥିବା ପଦକ୍ଷେପ ଏବଂ ନୂଆ ଜାତୀୟ ନୀତି-୨୦୨୦ର କାର୍ଯ୍ୟକାରିତା ନେଇ ଶନିବାର ଭୁବନେଶ୍ୱର ଠାରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଧିକାରୀ ମାନଙ୍କ ସହ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୈଠକ କରିଛନ୍ତି। ବୈଠକ ଫଳପ୍ରଦ ହୋଇଥିବା ନେଇ ଗଣମାଧ୍ୟମକୁ ଶ୍ରୀ ପ୍ରଧାନ ସୂଚନା ଦେଇଥିବା ବେଳେ ଆଗାମୀ ୨ ବର୍ଷ ମଧ୍ୟରେ ରାଜ୍ୟର ୫୦ ହଜାର ବିଦ୍ୟାଳୟରେ ରାଜ୍ୟର ୫୦ ହଜାର ସରକାରୀ ବିଦ୍ୟାଳୟରେ ପାଣି, ବିଜୁଳି, ଶୌଚାଳୟ, ଇଂଟରନେଟ୍ ସୁବିଧା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଦାୟିତ୍ୱ ନେବା ପରେ ଓଡିଶାରେ ପ୍ରଥମ ଥର ପାଇଁ ଉଚ୍ଚଶିକ୍ଷା ବିଭାଗର ଅଧିକାରୀଙ୍କୁ ନେଇ ଆୟୋଜିତ ବୈଠକରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓଡ଼ିଶାର ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶିକ୍ଷା ଭିତିଭୂମିର ବିକାଶ ପାଇଁ ରୁସାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିବା ସହ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ବୁଝିଥିଲେ। ଏହାସହ ଓଡ଼ିଶାରେ ଅନଲାଇନ ଶିକ୍ଷାକୁ ମଜବୁତ୍ କରିବା, ଗବେଷଣା ପରିସଂସ୍ଥାନର ବିକାଶ ଏବଂ ଜାତୀୟ ଶିକ୍ଷା ନୀତି –୨୦୨୦ ଉପରେ ବିସ୍ତୃତ ଭାବେ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିଥିଲେ। ସେହିପରି ଶିକ୍ଷକ ଶିକ୍ଷୟିତ୍ରୀ, ୧୮ ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟ ଓ କଲେଜର କର୍ମଚାରୀଙ୍କ ଟିକାକରଣକୁ ଶତପ୍ରତିଶତ ସୁନିଶ୍ଚିତ କରିବା ପାଇଁ ଆସନ୍ତା ସେପ୍ଟେମ୍ବରରେ ଏକ ଅଭିଯାନ ଆରମ୍ଭ କରିବା ପାଇଁ ଉଚ୍ଚ ଶିକ୍ଷା ବିଭାଗର ଅଧିକାରୀଙ୍କୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଥିଲେ। ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟାଦେଇ କହିଛନ୍ତି ଯେ ରାଜ୍ୟରେ ଶିକ୍ଷାର ଅଭିବୃଦ୍ଧି ପାଇଁ ସମଗ୍ର ଶିକ୍ଷା ଅଧୀନରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଓଡ଼ିଶାର ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ଅଧିକାରୀଙ୍କ ସହ ବିସ୍ତୃତ ଭାବରେ ଆଲୋଚନା କରାଯିବା ସହ ରାଜ୍ୟରେ ଜାତୀୟ ଶିକ୍ଷା ନୀତି-୨୦୨୦ର କାର୍ଯ୍ୟକାରିତା ଉପରେ ସମୀକ୍ଷାକରାଯାଇଥିଲା। ବିଦ୍ୟାଳୟ ସ୍ତରରେ ଶିକ୍ଷା ସହ ଧନ୍ଦାମୂଳକ ଶିକ୍ଷା ଏବଂ ଦକ୍ଷତା ବିକାଶକୁ ଏକାଠି କରିପ୍ରଥମ ପର୍ଯ୍ୟାୟରେ ୧୫୦ ସ୍କୁଲକୁ ନେଇ ପାଇଲଟ୍ ପ୍ରୋଜେକ୍ଟ ଭାବରେ ଆରମ୍ଭ କରିବା ଉପରେ ଆଲୋଚନା କରାଯାଇଛି ।ଆଗାମୀ ୨ ବର୍ଷ ମଧ୍ୟରେ ୫୦ ହଜାର ସରକାରୀ ବିଦ୍ୟାଳୟରେ ମୋଦି ସରକାରଙ୍କର ସ୍ୱଜଳଧାରା ଯୋଜନାରେ ପାନୀୟ ଜଳ, ସୌଭାଗ୍ୟ ଯୋଜନାରେ ବିଜୁଳି, ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ଭାରତ ନେଟ୍ ଯୋଜନାରେ ଇଂଟରନେଟ୍ ସଂଯୋଗ ଓ ଆନୁଷଙ୍ଗିକ ସୁବିଧା ଉପରେ ଗୁରୁତ୍ୱ ଦିଆଯିବ ।ଶିକ୍ଷାର ବିକାଶ କରିବା ଉଭୟ ଭାରତ ଓ ରାଜ୍ୟ ସରକାରଙ୍କର ମିଳିତ ଦାୟିତ୍ୱ।

# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି। ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ,ଟାଉନ ଫରେଷ୍ଟର ଭୂପତି ସେଠୀ,ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ। ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା। ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଳଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି। ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ। ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି। ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ। ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି। ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ,ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି। ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି,ପଥର,ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି। ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି।

## ମାଲକାନଗିରିରେ ସ୍ମାର୍ଟ ହେଲଥ୍ କାର୍ଡ ବଂଟିଲେ କ୍ରୀଡାମନ୍ତ୍ରୀ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ନୂଆ ସ୍ମାର୍ଟ ହେଲଥ୍ କାର୍ଡ ବଂଟନର ଶୁଭାରମ୍ଭ କରିବା ପରେ ଆଜି ଜିଲ୍ଲାର ବିଭିନ୍ନ ବ୍ଲକ୍ ରେ ମନ୍ତ୍ରୀମାନଙ୍କ ଦ୍ୱାରା ହିତାଧିକାରୀଙ୍କୁ ସ୍ମାର୍ଟ ହେଲଥ୍ କାର୍ଡ ବଂଟନ କରାଯାଉଛି । ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ବାଲିମେଳା ଓ ଚିତ୍ରକୋଣ୍ଡା ବ୍ଲକ୍ ର ବିଭିନ୍ନ ଉପାନ୍ତ ଅଂଚଳରେ ଏହି କାର୍ଡ ବଂଟନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ବେହେରା ହିତାଧିକାରୀଙ୍କୁ କାର୍ଡର ବ୍ୟବହାର ଓ ଉପକାରିତା ବିଷୟରେ ବୁଝାଇଥିଲେ । ଏହି କାର୍ଡ ଦ୍ୱାରା ବିଭିନ୍ନ ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ସମସ୍ତ ଚିକିତ୍ସା ସହ ଆପୋଲୋ ଫର୍ଟିସ୍ ଭଳି ବହୁ ପ୍ରତିଷ୍ଠିତ ବଡ଼ ବଡ଼ ଘରୋଇ ଡାକ୍ତରଖାନାରେ କାର୍ଡଧାରୀ ପରିବାର ବାର୍ଷିକ ୫ ଲକ୍ଷ ଟଙ୍କା ଓ ମହିଳା ସଦସ୍ୟଙ୍କୁ ଅତିରିକ୍ତ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ।




# ସୁସ୍ଥମନ, ସୁସ୍ଥ ଶରୀର ଓ ଆଧ୍ୟାତ୍ମିକ ଚେତନା

ଭୁବନେଶ୍ୱର (ପିଏନ୍): ସଂପ୍ରତି ମନୁଷ୍ୟ ନିକଟରେ ଭୋଗ ବିଳାସ ସାମଗ୍ରୀର ଅଭାବ ନାହିଁ । ତଥାପି ମନୁଷ୍ୟ ମନରେ ଶାନ୍ତି ନାହିଁ କିମ୍ବା ସୁଖ ନାହିଁ । ମନୁଷ୍ୟ ଖୋଜୁଛି ସୁଖ ଆଉ ଶାନ୍ତି । ସୁଖ ଏବଂ ଶାନ୍ତି ଅଭାବର କାରଣ ହେଲା ଅସୁସ୍ଥତା । ଏହି ଅସୁସ୍ଥତା କେବଳ ଶରୀରରେ ନୁହେଁ, ମନରେ ମଧ୍ୟ ରହିଛି । ମାନସିକ ଅଶାନ୍ତି ହିଁ ଶାରୀରିକ ଅସୁସ୍ଥତାର ମୁଖ୍ୟ କାରଣ । ମନର ପ୍ରଭାବ ଶରୀର ଉପରେ ପଡ଼ିଥାଏ । ମନର ସୁସ୍ଥତା ହେଉଛି ଶାନ୍ତି, ପରିତୃପ୍ତି ଓ ସକରାତ୍ମକ ମନୋବୃତ୍ତି । ନକାରାତ୍ମକ ମନୋବୃତ୍ତି ଓ ଚିନ୍ତନ ଅସୁସ୍ଥ ମନ ଓ ଅସୁସ୍ଥ ଶରୀରର ବୀଜ ସ୍ୱରୂପ । ମନୁଷ୍ୟର ନକାରାତ୍ମକ ମନୋବୃତ୍ତିଗୁଡ଼ିକ ହେଲା ଲୋଭ, ମୋହ, ସ୍ୱାର୍ଥପରତା, ଅଜ୍ଞତା, କ୍ରୋଧ, ଈର୍ଷା, ଅହଂକାର ଓ କାମନା ଇତ୍ୟାଦି । ଏହି ସମସ୍ତ ନକାରାତ୍ମକ ଚିନ୍ତାଧାରା ମନୁଷ୍ୟକୁ ଆଧ୍ୟାତ୍ମିକ ଚେତନାଠାରୁ ସବୁବେଳେ ଦୂରେଇ ରଖିଥାଏ । ମନୁଷ୍ୟର ଛଅଟି ଶତ୍ରୁ ଅଛନ୍ତି । ସେହି ଛଅଟି ଶତ୍ରୁ ହିଁ ମନୁଷ୍ୟର ମାନସିକ ଅସୁସ୍ଥତା, ତଥା ଶାରୀରିକ ଅସୁସ୍ଥତାର କାରଣ ହୋଇଥାନ୍ତି ଏବଂ ମନୁଷ୍ୟକୁ ସୁଖ, ଶାନ୍ତି ଓ ଆଧ୍ୟାତ୍ମିକ ଚେତନାଠାରୁ ଦୂରେଇ ରଖିଥାନ୍ତି । ସେହି ଛଅଟି ଦୁର୍ବାର ଶତ୍ରୁର ନିୟନ୍ତ୍ରଣରେ ହିଁ ମନୁଷ୍ୟ ସୁସ୍ଥ ମନ, ସୁସ୍ଥ ଶରୀର ଓ ଆଧ୍ୟାତ୍ମିକ ଚେତନାର ଅଧିକାରୀ ହୋଇପାରିବ । ସେହି ଛଅଟି ଶତ୍ରୁ ହେଲା କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ । ଏହାକୁ ଷଡ଼ରିପୁ କୁହାଯାଏ । ଏହି ଛଅଟି ଶତ୍ରୁ ମନୁଷ୍ୟ ମନରେ ବସା ବାନ୍ଧିଥାନ୍ତି । ଫଳତଃ, ମନୁଷ୍ୟ ମନ ସବୁବେଳେ ଅସୁସ୍ଥ ଥାଏ । ଅସୁସ୍ଥତା ଦୂରୀଭୂତ ହେଲେ ହିଁ ସୁସ୍ଥତା ଆସିଥାଏ । ଅସୁସ୍ଥତା କାରଣ ସମୂହକୁ ନିଜର ଗଣ୍ଠିଧନ ଓ ଗଳାମାଳି କଲେ ଏବଂ ସୁସ୍ଥତା ଖୋଜିଲେ ମିଳିବ କାହୁଁ । ମନୁଷ୍ୟ ନିଜକୁ ମନ୍ଦ ପ୍ରବୃତ୍ତି ଠାରୁ ଦୂରେଇ ରଖିଲେ ମାନସିକ ସୁସ୍ଥତା ମିଳିପାରିବ । ମାନସିକ ସୁସ୍ଥତା ସୁସ୍ଥ ଶରୀରର ସହାୟକ ହୋଇଥାଏ । ସୁସ୍ଥ ଶରୀର ଅର୍ଥାତ୍ ନିରୋଗ ଶରୀର । ଭୋଗ ହିଁ ରୋଗର ମୂଳ କାରଣ । ଭୋଗ କରିବାର ଅଭିଳାଷକୁ ନିୟନ୍ତ୍ରଣରେ ରଖିଲେ, ଶରୀର ସୁସ୍ଥ ରହିବ । ଏଥିପାଇଁ ଖାଦ୍ୟପେୟ ଉପରେ ନିୟନ୍ତ୍ରଣ ରଖିବାକୁ ପଡ଼ିବ । ଜିହ୍ୱା ଲାଳସାକୁ ସଂଯତ କରିବାକୁ ପଡ଼ିବ ଏବଂ ଶାରୀରିକ ବ୍ୟାୟାମ କରିବାକୁ ହେବ ଯଥା- ସାୟଂ ଭ୍ରମଣ, ପ୍ରାତଃ ଭ୍ରମଣ କିମ୍ବା ଆସନ ଓ ପ୍ରାଣାୟାମ ଆଦି । ଏତଦ୍‌ବ୍ୟତୀତ ଯାହା ଶରୀର ପାଇଁ ହିତ, ସେହି ପ୍ରକାର ଖାଦ୍ୟପେୟ ଗ୍ରହଣ କରିବାକୁ ହେବ । ମିତ ଆହାର ଅର୍ଥାତ୍ ଆବଶ୍ୟକତା ଠାରୁ ଅଧିକ ଭୋଜନ ନକରିବା । ଏହି ନିୟମଟିକୁ ମଧ୍ୟ ପାଳନ କରିବାକୁ ହେବ । ଆଧ୍ୟାତ୍ମିକ ଚେତନା ମନୁଷ୍ୟର ମାନସିକ ସ୍ତରରେ ସୁସ୍ଥତା ଆଣିଥାଏ । ଆଧ୍ୟାତ୍ମିକତା ନିମିତ୍ତ ନିୟମ ପାଳନ ଯଥା-ସାତ୍ତ୍ୱିକ ଆହାର ଗ୍ରହଣ, ଶରୀରର ଶୌଚ ଓ ଶୁଦ୍ଧତା, ଦୟା, ମୈତ୍ରୀ, କରୁଣା, ସଦ୍‌ଭାବ ଆଦି ପାଳନ ମାନସିକ ଓ ଶାରୀରିକ ସୁସ୍ଥତା ଆଣିଥାଏ । ଆତ୍ମସନ୍ତୋଷ ମାନସିକ ଚାପକୁ ନିୟନ୍ତ୍ରଣ କରିଥାଏ । ଅସନ୍ତୋଷ ଏବଂ ଅତ୍ୟଧିକ କାମନା, କାମନାର ଅପୂରଣୀୟତା ମାନସିକ ଚାପ ବଢ଼ାଇଥାଏ । ଏହି ମାନସିକ ଚାପ ରକ୍ତଚାପ ଓ ହୃଦ୍‌ରୋଗ ସୃଷ୍ଟି କରିଥାଏ । ଆଧ୍ୟାତ୍ମିକତାର ଦୁଇଟି ଦିଗ-ଗୋଟିଏ ହେଲା ଈଶ୍ୱର ବିଶ୍ୱାସ, ଈଶ୍ୱର ଚିନ୍ତନ ଏବଂ ଅନ୍ୟ ଦିଗଟି ହେଲା ଆଧ୍ୟାତ୍ମିକ ଦୁଃଖ ଅର୍ଥାତ୍ ମନରୁ ଜାତ ନକାରାତ୍ମକ ମନୋବୃତ୍ତି ଓ ଶରୀରରୁ ଜାତ ରୋଗ । ଅତଏବ ଈଶ୍ୱରଙ୍କ ଠାରେ ଅନୁରାଗ ରଖିବା, ଭକ୍ତି ରଖିବା ଏବଂ ଶାରୀରିକ ସୁସ୍ଥତା ରଖିବା ହେଲା ଆଧ୍ୟାତ୍ମିକ ଚିନ୍ତନ । ଏହି ଆଧ୍ୟାତ୍ମିକ ଚିନ୍ତନ ଦିଗଟି ସଦ୍‌ଗ୍ରନ୍ଥ ପାଠ ଦ୍ୱାରା ଏବଂ ସତ୍‌ସଙ୍ଗ ଦ୍ୱାରା ଆସିଥାଏ । ସର୍ବୋପରି ସୁସ୍ଥ ମନ ଓ ସୁସ୍ଥ ଶରୀର ପାଇବା ପାଇଁ ଆଧ୍ୟାତ୍ମିକ ଚେତନା ଓ ନିଷ୍କାମ ଈଶ୍ୱର ଆରାଧନା ଏକାନ୍ତ ଅପରିହାର୍ଯ୍ୟ, ନଚେତ୍ ମଣିଷ ଜୀବନର ସାର୍ଥକତା ଉପଲବ୍ଧି ହେବା ଅସମ୍ଭବ । ଯେପରି ଜୀବନର ସାର୍ଥକତା ପ୍ରାପ୍ତ କରିଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ, ସ୍ୱାମୀ ବିବେକାନନ୍ଦ, ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କାଲାମ ଏବଂ କିଛି ପରିମାଣରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

## ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚଢାଉ : ଏକଶହ ବୋତଲ ନକଲି ବିଦେଶୀ ମଦ ଜବତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଅବକାରୀ ବିଭାଗ ଦ୍ୱାରା ଚଢାଉ କରାଯାଇ ଏକଶହ ବୋତଲ ନକଲି ବିଦେଶୀ ମଦ ଜବତ କରାଯିବା ସହ ଚୋରା ମଦ ବେପାରୀକୁ ଗିରଫ କରାଯାଇଥିବା ଜଣାପଡିଛି । ଏକ ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଅଧିକ୍ଷକ ସୁବନ ନାୟକଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ଅବକାରୀ ଇନସପେକ୍ଟର କାଳନ୍ଦି ଚରଣ ବେହେରା ଗତ ଶୁକ୍ରବାର ନିକିରାଇ ଥାନା ଅନ୍ତର୍ଗତ ବାରୋ ଗ୍ରାମର ନିରଞ୍ଜନ ଦାସଙ୍କ ପୁଅ ଶ୍ରୀଧର ଦାସ(୩୮)ଙ୍କ ଘର ଉପରେ ଚଢାଇ କରିଥିଲେ । ଶ୍ରୀଧରଙ୍କ ପାଖରୁ ଏକଶହ ବୋତଲ ନକଲି ବିଦେଶୀ ମଦ ସମେତ ଏକ ପ୍ଲାଷ୍ଟିକ ଜାରରେ ଥିବା ୫ଲିଟର ନକଲି ବିଦେଶୀ ମଦ, ଏକଶହ ୨୦ଟି ଠିପି ଓ ୪୩ଟି ଖାଲି ବୋତଲ ଅବକାରୀ ବିଭାଗ ଜବତ କରିବା ସହ ଅଭିଯୁକ୍ତ ଚୋରାମଦ ବେପାରୀ ଶ୍ରୀଧରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି । ଏହି ଚଢାଉରେ ପଟ୍ଟାମୁଣ୍ଡାଇ ଅବକାରୀ ଇନସପେକ୍ଟର କମଳ ଲୋଚନ ପାଇକରାୟ, ଏ.ଏସ.ଆଇ. ନିରୂପମା ସାହୁ, କନେଷ୍ଟବଳ ଜଗନ୍ନାଥ ବେସ୍ରା ଓ ଦେବକାନ୍ତ ଆଚାର୍ଯ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## କୋଭିଡ ସମୟରେ ବେକାରୀଙ୍କୁ ଆତ୍ମନିର୍ଭରଶୀଳ କରିବ ଆଇ.ଆଇ.ଏଫ.ଏଲ.



କେନ୍ଦ୍ରାପଡ଼ା (ପିଏନ୍): କରୋନା ମହାମାରୀ ସମୟରେ ନିଜର ରୋଜଗାର ହରାଇ ବେକାର ହୋଇ ଘରେ ବସିଥିବା ଯୁବକ, ଯୁବତୀମାନଙ୍କୁ ଆବଶ୍ୟକ ଋଣ ଯୋଗାଇଦେଇ ଆତ୍ମନିର୍ଭରଶୀଳ କରିବାକୁ ଏକ ଯୋଜନା ପ୍ରସ୍ତୁତ କରିଛି ଆଇ.ଆଇ.ଏଫ.ଏଲ. ଫାଇନାନ୍ସ । କେନ୍ଦ୍ରାପଡା ସହରର କଲେଜ ଛକ ନିକଟରେ ଆଇ.ଆଇ.ଏଫ.ଏଲ. ଫାଇନାନ୍ସର ଏକ ନୂତନ ଶାଖା ଉଦ୍‌ଘାଟନ ଅବସରରେ କହିଛନ୍ତି ସେହି ସଂସ୍ଥାର ଆଞ୍ଚଳିକ ପ୍ରବନ୍ଧକ ରଜତ କୁମାର ସାମଲ । ପୂର୍ବରୁ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡା ସହରର କାକଟ ଛକରେ ୨ଟି ଶାଖା ଖୋଲିଥିବା ବେଳେ ଗତ ଶୁକ୍ରବାର ସଂସ୍ଥାର ତୃତୀୟ ଶାଖାଟି ଖୋଲିଛି କଲେଜ ଛକରେ । ଏହି ଶାଖା ପକ୍ଷରୁ ବେକାର ଯୁବକ ଓ ଯୁବତୀମାନଙ୍କୁ ଆତ୍ମ ନିର୍ଭରଶୀଳ ହେବା ପାଇଁ ଆବଶ୍ୟକ ପରାମର୍ଶ ସହିତ ବିଭିନ୍ନ ବ୍ୟବସାୟୀକ ଋଣ ମାସକୁ ମାତ୍ର ଶତକଡା ୭୯ପଇସା ସୁଧରେ ଯୋଗାଇ ଦିଆଯିବା ସହିତ ବ୍ୟକ୍ତିଗତ ଋଣ, ଗୃହ ଋଣ ଓ ସ୍ୱାସ୍ଥ୍ୟବୀମା ପ୍ରଭୃତି ଯୋଗାଇ ଦେବ ବୋଲି କହିଛନ୍ତି ଶାଖା ପରିଚାଳକ ରେବନ୍ତ କୁମାର ମହାନ୍ତି । ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍ଥାର ଏହି ନୂତନ ଶାଖା କାର୍ଯ୍ୟାଳୟକୁ ଉଦଘାଟନ କରିଥିବା ବେଳେ ସଂସ୍ଥାର ରାଜ୍ୟ ମାର୍କେଟିଂ ମୁଖ୍ୟ ସାଶ୍ୱତ ପୃଷ୍ଟି, ଟେରିଟୋରିଆଲ ପ୍ରବନ୍ଧକ ସୁଶାନ୍ତ ବେହେରା, କ୍ଲଷ୍ଟର ପରିଚାଳକ ପ୍ରିୟଦର୍ଶୀ ଲିଙ୍କନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଧାୟକଙ୍କ କୁଶପୁତଳିକା ଦାହ ବିଜେପିର ହୀନ ରାଜନୀତି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବିଧାୟକଙ୍କ କୁଶପୁତଳିକା ଦାହ ବିଜେପିର ହୀନ ରାଜନୀତି ବୋଲି ଜିଲ୍ଲା ଯୁବ ବିଜେଡି ଉପସଭାପତି ମହେନ୍ଦ୍ର କୁମାର ମିଶ୍ର କହିଛନ୍ତି। ଏଥିସହିତ ବିଜେପି ଔଷଧ ବିକଳରେ ତାଟିଆ କାମୁଡୁଛି ବୋଲି ଶ୍ରୀ ମିଶ୍ର କହିଛନ୍ତି। କେନ୍ଦ୍ରାପଡାର ବିଧାୟକ ଶଶିଭୂଷଣ ବେହେରାଙ୍କ ଲୋକପ୍ରିୟତାକୁ ସହି ନପାରି ବିଜେପି ପକ୍ଷରୁ ନାନା ପ୍ରକାର କୁତ୍ସାରଟନା କରାଯାଉଛି। ଜନୈକ ବ୍ୟକ୍ତିଙ୍କର ବିଧାୟକ ଶ୍ରୀ ବେହେରାଙ୍କ ସହ କୌଣସି ସମ୍ପର୍କ ନଥିବା ବେଳେ ବିଜେପି ତାଙ୍କୁ ଅଯଥାରେ ବଦନାମ କରିବାକୁ ଚେଷ୍ଟା କରିବା ସହିତ ତାଙ୍କ ନାମରେ ମିଥ୍ୟା କଳଙ୍କ ବୋଳିବାକୁ ଚେଷ୍ଟା କରୁଛି। ବିଜେପି ପକ୍ଷରୁ ବିଧାୟକ ଶ୍ରୀ ବେହେରାଙ୍କ କୁଶପୁତଳିକା ପୋଡିବା ଘଟଣାକୁ ଜିଲ୍ଲା ଯୁବ ବିଜେଡି ଉପସଭାପତି ଶ୍ରୀ ମିଶ୍ର ଓ ଜିଲ୍ଲା ଯୁବ ବିଜେଡି ସମ୍ପାଦକ ମହେଶ ପାଢୀ କଜଳାଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦୃଢ ନିନ୍ଦା କରିଛନ୍ତି। ଯଦି ଏଭଳି ଭାବରେ ବିଜେପି ଆଗାମୀ ଦିନରେ କାର୍ଯ୍ୟ କରେ ତେବେ ବିଜେଡି ପକ୍ଷରୁ ଏହାର ଦୃଢ ଜବାବ ଦିଆଯିବ ବୋଲି ଉଭୟ କହିଛନ୍ତି।

## କେନ୍ଦ୍ରାପଡା ଜିଲ୍ଲାରେ ୯ କରୋନା ପଜିଟିଭ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାରେ ଗତ ଶୁକ୍ରବାର ୯ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ ଆଳି ବ୍ଲକରେ ଜଣେ କରୋନା ପଜିଟିଭ କେଶ ବାହାରିଥିବାବେଳେ ଗରଦପୁର ବ୍ଲକରେ ୨ଜଣ, କେନ୍ଦ୍ରାପଡା ବ୍ଲକରେ ୩ଜଣ, ମହାକାଳପଡା ବ୍ଲକରେ ଜଣେ, ମାର୍ଶାଘାଇ ବ୍ଲକରେ ଜଣେ ଓ ରାଜକନିକା ବ୍ଲକରେ ଜଣେ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି ।

## ପିସିସି କୃଷକ ସେଲ ପ୍ରତିନିଧି ମଣ୍ଡଳୀଙ୍କ ମରୁଡ଼ି ଅଂଚଳ ଗସ୍ତ



ଭୁବନେଶ୍ୱର (ପିଏନ୍)- ରାଜ୍ୟରେ ମରୁଡ଼ି ପରିସ୍ଥିତି ଅତ୍ୟନ୍ତ ସଂଗିନ। ଏହି ପରିପ୍ରେକ୍ଷୀରେ ମରୁଡ଼ିର ବାସ୍ତବ ସ୍ଥିତି ଅନୁଧ୍ୟାନ କରିବାପାଇଁ ପିସିସି କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟ ଅଧ୍ୟକ୍ଷ ତଥା ଏଆଇସିସି ସଦସ୍ୟ ଅମୀୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଗତ ଅଗଷ୍ଟ ୨୪ ତାରିଖରୁ ୩୦ ତାରିଖ ମଧ୍ୟରେ ପଶ୍ଚିମ ଓଡ଼ିଶାର ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାର ବିଭିନ୍ନ ବ୍ଲକ ଅଂଚଳକୁ ଏକ ପ୍ରତିନିଧି ମଣ୍ଡଳୀ ଗସ୍ତକରି ଫେରିବା ପରେ ଏଭଳି ମରୁଡ଼ି ପରିସ୍ଥିତି ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ ବୋଲି ଅଭିଯୋଗ କରିଛନ୍ତି। ବିଜେଡ଼ି ସରକାରର ୨୧ ବର୍ଷ କୁଶାସନ, ଦୂରଦୃଷ୍ଟି ଅଭାବ ଓ ଋଷୀଙ୍କୁ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଯୋଗୁଁ ଆଜି ଓଡ଼ିଶାରେ ଋଷ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଓ ଚାଷୀ ସବୁଠାରୁ କ୍ଷତିଗ୍ରସ୍ତ। ଫଳରେ ରାଜ୍ୟରେ ଲକ୍ଷ ଲକ୍ଷ ଦାଦନ ଶ୍ରମିକ ବୃଦ୍ଧି ହେବାର ମୁଖ୍ୟ କାରଣ ହୋଇଛି। ଜଳସେଚନ କ୍ଷେତ୍ରରେ ରାଜକୋଶରୁ କୋଟି କୋଟି ଟଙ୍କା ଅପବ୍ୟୟ କରାଯାଉଥିବା ବେଳେ ହାତ ପାହାନ୍ତରେ ଜଳ ଉତ୍ସରୁ ଚାଷୀର କ୍ଷେତକୁ ଜଳସେଚନ ବ୍ୟବସ୍ଥା କରାଯାଇ ନାହିଁ। ଜଳସେଚନ ନାଁରେ ମନ୍ତ୍ରୀ, ଯନ୍ତ୍ରୀ, ଠିକାଦାର ଓ ଶାସକ ଦଳର କର୍ମୀ ମାଲାମାଲ ହେଉଥିବା ବେଳେ ପାଣି ଅଭାବରୁ ଋଷୀର ଫସଲ ଉଜୁଡ଼ି ଯାଉଛି। ରାଜ୍ୟର ସମସ୍ତ ବ୍ଲକକୁ ୩୫ ପ୍ରତିଶତ ଜଳସେଚନ ଘୋଷଣା ସରକାରଙ୍କର କେବଳ ପ୍ରଚାର ସର୍ବସ୍ୱ ହୋଇଛି। ହଜାର ହଜାର ଉଠା ଜଳସେଚନ ପ୍ରକଳ୍ପ ଅଚଳ। ଅନେକ ସ୍ଥାନରେ ଉଠା ଜଳସେଚନ ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ କରାଯାଇ ନାହିଁ। ଋଷୀ କ୍ଲଷ୍ଟର ଭିତିରେ ଦୀର୍ଘ ଦିନ ଧରି ଉଠା ଜଳସେଚନ ନିଗମରେ ଟଙ୍କା ଜମା କରିଥିଲେ ମଧ୍ୟ ପ୍ରକଳ୍ପଟିର କାର୍ଯ୍ୟକାରୀ କରାଯାଉ ନାହିଁ। କେନାଲରେ ପାଣି ଆସୁନାହିଁ। ବାହାଘର ବେଳେ ବାଇଗଣ ରୁଆ ପରି ପାଣି ଆବଶ୍ୟକ ବେଳେ କେନାଲ କାମ ଆରମ୍ଭ ହେଉଛି। ପାଣି ପଂଚାୟତ ଓ ଜଳସେଚନ ନାଁରେ କୋଟି କୋଟି ଟଙ୍କା ହରିଲୁଟ କରାଯାଉଛି। ଫଳରେ ବର୍ତ୍ତମାନ ମରୁଡ଼ିର ମୁକାବିଲା କରିବା କ୍ଷେତ୍ରରେ ସରକାର ସଂପୂର୍ଣ୍ଣ ଅସଫଳ ହୋଇଛନ୍ତି। ଯଦ୍ୱାରା ସରକାରଙ୍କ ଜଳସେଚନ ମିଥ୍ୟା ପ୍ରତିଶ୍ରୁତି ଆଜି ମରୁଡ଼ିର ମୁଖ୍ୟ କାରଣ ହୋଇଛି। ଚଳିତ ବର୍ଷ ପାଣିପାଗ ବିଶେଷଜ୍ଞମାନେ ସରକାରଙ୍କୁ ଯଥେଷ୍ଟ ପୂର୍ବରୁ ନିଅଂଟିଆ ବର୍ଷା ହେବାର ସୂଚନା ଦେଇଥିଲେ ମଧ୍ୟ ଚାଷ ଓ ଚାଷୀଙ୍କୁ ହେୟ ମନେକରି ଠିକଣା ସମୟରେ ସରକାର ଏହାକୁ ଗୁରୁତ୍ୱ ଦେଲେ ନାହିଁ। ରାଜ୍ୟର ପ୍ରାୟ ୨୧୫ ଟି ବ୍ଲକରେ ମରୁଡ଼ି ପରିସ୍ଥିତି ଅତି ଗମ୍ଭୀର, ସରକାରଙ୍କର ଏଥିପ୍ରତି ନିଘା ନାହିଁ। ସରକାରଙ୍କୁ ମରୁଡ଼ି ସମୀକ୍ଷା ଓ ଯୋଜନା ଉପରେ ଯୋଜନା କେବଳ ଧର୍ମକୁ ଆଖିଠାର। ଯିଏ ହେଲେ ଅନ୍ନଦାତା ଜନସଂଖ୍ୟାର ୭୦ପ୍ରତିଶତ ଋଷୀ। ସେମାନଙ୍କ ସ୍ୱରକୁ ବାରମ୍ବାର ସରକାର ବିଭିନ୍ନ ଭେଳିକି ଦେଖାଇ ଚପାଇ ଦେବାରେ ସିଦ୍ଧହସ୍ତ। କିନ୍ତୁ ବର୍ତ୍ତମାନର ମରୁଡ଼ି ପରିସ୍ଥିତି ରାଜ୍ୟ ବିଜେଡ଼ି ସରକାରର ପ୍ରକୃତ ଚେହେରାକୁ ପଦାକୁ ଆଣିଛି। ସରକାର ନିଜ ଆଡୁ ମରୁଡ଼ି ମୁକାବିଲା ପାଇଁ ତତ୍ପରତା ପ୍ରକାଶ କରିନଥିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ନିକଟରେ ମୁଖ୍ୟମନ୍ତ୍ରୀ ଋଷୀଙ୍କ ବାସ୍ତବ ସ୍ଥିତିକୁ ନଦେଖି ଲୋକ ଦେଖାଣିଆ ଭାବେ ମରୁଡ଼ିର ମୁକାବିଲା ପାଇଁ ଯେଉଁ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି ତାହା କେବଳ ଧର୍ମକୁ ଆଖିଠାର ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି କିଷାନ କଂଗ୍ରେସ ରାଜ୍ୟ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଋଷୀଙ୍କର ଏପରି ଦୁଃସ୍ଥିତି ପାଇଁ ବିଜେଡ଼ି ସରକାରଙ୍କୁ ଦାୟୀ କରିଛନ୍ତି। ଯଦି ଚାଷୀଙ୍କ ପ୍ରତି ସରକାରଙ୍କର ତିଳେମାତ୍ର ଅନୁକମ୍ପା ଥାଏ, ସରକାରଙ୍କ କୃଷି, ତତ୍‌ସଲଗ୍ନ କୃଷି ବିଭାଗୀୟ ଅଧିକାରୀ ଓ କୃଷିବିଶେଷଜ୍ଞ ମାନଙ୍କୁ ନେଇ ଏକ ସମନ୍ୱୟ କମିଟି ଦ୍ୱାରା ମରୁଡ଼ି ପ୍ରଭାବିତ ବିଭିନ୍ନ ପଂଚାୟତ ସ୍ତରରୁ ସ୍ଥିତି ଅନୁଧ୍ୟାନ କରିବା ସହିତ ସଂପୃକ୍ତ ଅଂଚଳଗୁଡ଼ିକୁ ମରୁଡ଼ି ଅଂଚଳ ଘୋଷଣା, ଚଳିତ ଖରିଫ ଚାଷର ସଂପୂର୍ଣ୍ଣ କୃଷି ଋଣ ଛାଡ଼, ରବି ଋଷ ପାଇଁ ବିନା ସୁଧରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପ ମିଆଦି କୃଷିଋଣ ପ୍ରଦାନ, ପ୍ରଚଳିତ ପ୍ରାକୃତିକ ବିପର୍ଯ୍ୟୟ କୃଷି ଇନପୁଟ ସବସିଡ଼ର ତିନିଗୁଣା ବୃଦ୍ଧି କରାଯାଇ ଋଷୀଙ୍କୁ କୃଷିଭିତିକ ଆର୍ଥିକ ସହାୟତା ପ୍ରଦାନ, ଗଜାମରୁଡ଼ି ଏବଂ ରୁଆ ବେଉଷଣ ହୋଇପାରି ନଥିବା ଅଂଚଳର ଋଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲବୀମା ସହାୟତାର ସର୍ତାବଳୀ ଅନୁଯାୟୀ ତୁରନ୍ତ ୨୫ ପ୍ରତିଶତ ଆର୍ଥିକ କ୍ଷତିପୂରଣ ପ୍ରଦାନ, ଫସଲ କ୍ଷତିଗ୍ରସ୍ତ ଋଷୀଙ୍କୁ ବୀମା କ୍ଷତିପୂରଣ, ଆସନ୍ତା ୩୧ ସେପ୍ଟେମ୍ବର ୨୦୨୧ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଫସଲବୀମା ଚାଷୀ ପଂଜିକରଣ ପାଇଁ ସମୟ ବୃଦ୍ଧି, ଗଭୀର ଓ ଅଚଳ ଉଠାଜଳସେଚନ ପଏଂଟ ଗୁଡ଼ିକର ଆଶୁ କାର୍ଯ୍ୟକାରିତା, ତ୍ୱରିତ ବିଦ୍ୟୁତ ସଂଯୋଗ, ସୋଲାର ଲିଫ୍ଟ ପଏଂଟ କାର୍ଯ୍ୟକାରୀ, କେନାଲରେ ନିୟମିତ ପାଣିଛାଡ଼ିବା, ମେଗା ଲିଫ୍ଟ ପଏଂଟ ଗୁଡ଼ିକର କାର୍ଯ୍ୟକାରୀତା, ଗଡ଼ିଆ, ପୋଖରୀ, ନଦୀ ଓ ନାଳରୁ ପାଇପ ଯୋଗେ ଜଳସେଚନ ବ୍ୟବସ୍ଥା, ଜଳକର ଓ ବିଜୁଳି କର ଛାଡ଼, ରବିଚାଷ ପାଇଁ ମାଗଣାରେ ଉନ୍ନତ ମାନର ତୈଳବୀଜ ଜାତୀୟ ବିହନ, ପନିପରିବା ମିନିକିଟ୍, ସାର, କୀଟନାଶକ ଔଷଧ ଯୋଗାଣ, ମନରେଗାରେ କୃଷି ଭିତିରେ ଅଧିକ ଶ୍ରମଦିବସ ସୃଷ୍ଟି ସହିତ କୃଷି ଭିତି ଭୂମିର ସୁଦୃଢ଼ୀକରଣ, ମରୁନଇ ଅଂଚଳ ସମସ୍ତ ଲୋକଙ୍କୁ ଆସନ୍ତା ୬ ମାସ ପର୍ଯ୍ୟନ୍ତ ମାଗଣାରେ ଋଉଳ, ଡାଲି ଓ ଅନ୍ୟାନ୍ୟ ରାସନ ସାମଗ୍ରୀ ଯୋଗାଣ, ଗୋପାଳନ, ମତ୍ସ୍ୟ, ଛତୁ ଓ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଋଷ ପ୍ରତି ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିବାକୁ କିଷାନ କଂଗ୍ରେସ ପକ୍ଷରୁ ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି। ଯଦି ରାଜ୍ୟ ସରକାର ଆସନ୍ତା ୧ ସପ୍ତାହ ମଧ୍ୟରେ ଉପରୋକ୍ତ ସମସ୍ୟା ଗୁଡ଼ିକର ଆଶୁସମାଧାନ ନକରନ୍ତି, ଋଷୀ ସମାଜର ବୃହତର ସ୍ୱାର୍ଥ ଦୃଷ୍ଟିରୁ ପିସିସି କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟର ସମସ୍ତ ବ୍ଲକ ସ୍ତରରୁ ସରକାରଙ୍କ ବିରୁଦ୍ଧରେ ଋଷୀ ଆନ୍ଦୋଳନକୁ ଦୁର୍ବାର କରାଯିବ ବୋଲି ରାଜ୍ୟ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ କିଷାନ କଂଗ୍ରେସର ରଘୁନାଥ ପଲ୍ଲିଆ, ସ୍ୱପ୍ନେଶ୍ୱର ପୃଷ୍ଟି, ନରେନ୍ଦ୍ର କୁମାର ପଣ୍ଡା, ସାନନ୍ଦ ମିଶ୍ର, ଚୈତରାମ ନାୟକ, ଦେବେନ୍ଦ୍ର କୁମାର ସାହୁ, ଜିଲ୍ଲା କଂଗ୍ରେସ ସଭାପତି ଘାସିରାମ ମାଝୀ, ଦିଲ୍ଲୀପ ବେହେରା, ଗୌରୀ ଶଙ୍କର ପଣ୍ଡା, କଂଗ୍ରେସ ନେତା ବିନୋଦ ପାତ୍ର, ପ୍ରଶାନ୍ତ ସାହୁ, ରମେଶ ପୁରୋହିତ ପ୍ରମୁଖ ନେତୃବୃନ୍ଦ ଗସ୍ତ କରିଥିଲେ।

## କଳାକାରଙ୍କ ଜୀବନ ଜୀବିକାର ପୁନରୁଦ୍ଧାର ପାଇଁ ସଂସ୍କୃତି ମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରାପଡା ସାଂସଦ



କେନ୍ଦ୍ରାପଡ଼ା (ପିଏନ୍): ଓଡିଶାର ଅଗଣିତ ମଞ୍ଚ ଓ ସଙ୍ଗୀତ କଳାକାରମାନଙ୍କ ଜୀବନ ଜୀବିକାର ପୁନରୁଦ୍ଧାର ପାଇଁ କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ଏକ ପତ୍ର ଲେଖି ଅନୁରୋଧ କରିଛନ୍ତି । ନିଖିଳ ଓଡିଶା ମ୍ୟୁଜିକ ଆର୍ଟିଷ୍ଟ ଓ୍ୱେଲଫେୟାର ଆସୋସିଏସନ (ଓମାଓ୍ୱା) ପକ୍ଷରୁ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ନିବେଦନ ପତ୍ର ପ୍ରଦାନ କରାଯାଇ ତାହାର ନକଲ ସାଂସଦ ଶ୍ରୀ ମହାନ୍ତିଙ୍କୁ ସଂଘ ପକ୍ଷରୁ ପ୍ରଦାନ କରାଯାଇଥିଲା । ସାଂସଦ ଶ୍ରୀ ମହାନ୍ତି ନିଜେ ଜଣେ କଳାକାର ହୋଇଥିବାରୁ ସେ କଳାକାରମାନଙ୍କ ପରିସ୍ଥିତିକୁ ଉପଲବ୍ଧି କରି ନିଜର ଦାୟିତ୍ୱବୋଧ ଓ ମାନବିକତା ଦୃଷ୍ଟିରୁ କଳାକାରମାନଙ୍କ ଦୁର୍ଦ୍ଦିନ ସମୟରେ ସେମାନଙ୍କୁ ସରକାରୀ ସହାୟତା ଯୋଗଇ ଦେବା ପାଇଁ ସଂସ୍କୃତି ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି । ଏଥି ସହିତ ସାଂସଦ ଶ୍ରୀ ମହାନ୍ତି ନିବେଦନ ପତ୍ରର ନକଲ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନାଙ୍କୁ ପଠାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅନୁରୋଧ କରିଥିବା ଜଣାପଡିଛି । ସାଂସଦ ଶ୍ରୀ ମହାନ୍ତିଙ୍କ ବିଶାଳ ହୃଦୟ ଓ ଉଚ୍ଚକୋଟିର କଳାକାର ପଣିଆର ଏହା ଜ୍ୱଳନ୍ତ ଉଦାହରଣ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

## ସ୍ୱଚ୍ଛ ସରକାରଙ୍କର ଅସ୍ୱଚ୍ଛ କାର୍ଯ୍ୟକଳାପର ଆଉ ଏକ ନମୁନା



ଭୁବନେଶ୍ୱର (ପିଏନ୍): ସ୍ୱଚ୍ଛ ଶାସନର ଆବରଣ ତଳେ ରାଜ୍ୟର ବିଜେଡି ସରକାର କିପରି ଦୁର୍ନିତୀ ଓ ପ୍ରିୟାପ୍ରିତୀରେ ଲିପ୍ତ ଅଛନ୍ତି ତାର ଆଉ ଏକ ନମୁନା ହେଉଛି ଗତ ଏପ୍ରିଲ ୪ ତାରିଖରେ ପଞ୍ଚାୟତ ବିଭାଗ ଅଧିନସ୍ଥ ଗ୍ରାମୀଣ ଜଳ ଯୋଗାଣ ବିଭାଗର ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ଆହ୍ୱାନ କରାଯାଇଥିବା ଟେଣ୍ଡର । ଏହି ଟେଣ୍ଡରର ପ୍ରକ୍ରିୟା ଓ ଟେଣ୍ଡର ଦସ୍ତାବିଜ୍‌ରୁ ଏଥିରେ ଦୁର୍ନିତୀ ଓ ପିୟାପ୍ରିତିର ସ୍ପଷ୍ଟ ସୂଚନା ମିଳୁଛି ବୋଲି କଂଗ୍ରେସ ପକ୍ଷରୁ ରାଜ୍ୟ ପ୍ରବକ୍ତା ଅଭିଯୋଗ ଆଣିଛନ୍ତି । ପ୍ରକାଶ ଥାଉ କି ରାଜ୍ୟ ପଚାଂୟତିରାଜ ଓ ପାନୀୟ ଜଳ ବିଭାଗ ଅଧିନରେ ଥିବା ଆରଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ରାଜ୍ୟର ୨୯ଟି ଜିଲ୍ଲାରେ ଏଲଇଡି ଲାଇଟ ଲଗାଇବା ନେଇ ୧୫୦ କୋଟି ଟଙ୍କା ଖର୍ଚ୍ଚରେ ୨୯ଟି ଜିଲ୍ଲାର ଗାଁ ଗୁଡିକରେ ଏଲଇଡି ଷ୍ଟ୍ରିଟ୍ ଲାଇଟ ଲଗାଇବା ନେଇ ହୋଇଥିବା ଏହି ଟେଣ୍ଡରରେ କେତେକ ନିର୍ଦ୍ଧିଷ୍ଟ କମ୍ପାନିକୁ ସହାଇଲା ଭଳି ବ୍ୟବସ୍ଥା କରାଯାଇଛି । ୨୯ଟି ଜିଲ୍ଲାକୁ କିଛି ନିର୍ଦ୍ଦିଷ୍ଟ ସଂସ୍ଥା / ବ୍ୟକ୍ତିବିଶେଷ ମଧ୍ୟରେ ବାଣ୍ଟି ଦେବାକୁ ଏଭଳି ମସୁଧା କରାଯାଇଛି । ଏଥି ସହିତ ଯେଉଁ କାମ କମ୍ ଖର୍ଚ୍ଚରେ ହୋଇ ପାରିଥାନ୍ତା । ତା ପାଇଁ ଅଧିକ ଖର୍ଚ୍ଚ କରିବା ପାଇଁ ଏହି ଟେଣ୍ଡର ପ୍ରକ୍ରିୟାରେ ସର୍ତ୍ତ ଧାର୍ଯ୍ୟ କରାଯାଇଛି । ନୂଆ ଟେକନୋଲୋଜିର ଉପଯୋଗ ଉପରେ ଗୁରୁତ୍ୱ ଦିଆ ନ ଯାଇ ୯/୧୦ ବର୍ଷ ତଳେ ମିଳୁଥିବା ନିମ୍ନମାନର ଓ ଅଧିକ ବିଦ୍ୟୁତ ଖର୍ଚ୍ଚ ହେଉଥିବା ଏଲଇଡି ଲାଇଟ ଯୋଗାଣ ନେଇ ଏହି ଟେଣ୍ଡର ପ୍ରସ୍ତୁତ କରାଯାଇଛି । ଟେଣ୍ଡର ବିଜ୍ଞପ୍ତିରେ ୭୧୦୦ ଲୁମେନ ପାଇଁ ସର୍ବାଧିକ ୮୦ ଓ୍ୱାଟ୍ ଏଲଇଡି ଲାଇଟ ଧାର୍ଯ୍ୟ କରାଯାଇଛି । ଏହାର ଅର୍ଥ ପ୍ରତି ଓ୍ୱାଟ୍ ପିଛା ୯୦ ଲୁମେନ ବ୍ୟବହାର କରାଯାଇପାରିବ । ଏଭଳି କମ୍ ଲୁମେନ୍ ପ୍ରଦାନ କରୁଥିବା ଉତ୍ପାଦ ୯ରୁ ୧୦ ବର୍ଷ ତଳେ ବ୍ୟବହାର କରାଯାଉଥିଲା । ଏବେ ଦେଶର ସମସ୍ତ ପ୍ରମୁଖ କମ୍ପାନି ଯେଉଁ ଏଲଇଡି ଲାଇଟ ଉତ୍ପାଦନ କରୁଛନ୍ତି ସେଥିରେ ପ୍ରତି ଓ୍ୱାଟ୍ ପିଛା ଲୁମେନ୍ ହାର ୧୧୦ରୁ ୧୨୦ ରହୁଛି । ଏଭଳି ଉଚ୍ଚ ହାରର ଲୁମେନ ଥିବା ଏଲିଇଡି ଲାଇଟର ଗୁଣବତ୍ତା ମଧ୍ୟ ଉଚ୍ଚ ଓ ଆଲୋକିକରଣ କ୍ଷମତା ମଧ୍ୟ ଯଥେଷ୍ଟ ଅଧିକ । ଏପରି ନୂଆ ଟେକନୋଲୋଜିର ଏଲଇଡି ଷ୍ଟ୍ରିଟ୍ ଲାଇଟ ବ୍ୟବହାର ଦ୍ୱାରା ପ୍ରତି ଲାଇଟ ପିଛା ଘଣ୍ଟାକୁ ପ୍ରାୟ ୨୦ ଓ୍ୱାଟ ବିଦ୍ୟୁତ କମ୍ ଖର୍ଚ୍ଚ ହେବ, ମାତ୍ର ଏଥିପ୍ରତି ନଜର ଅନ୍ଦାଜ କରିବା ପଛର ମନ୍ଦ ଏଦେଶ୍ୟ ଅଛି ବୋଲି କଂଗ୍ରେସ ଅଭିଯୋଗ ଆଣିଛି ।

ଟେଣ୍ଡର ପ୍ରକ୍ରିୟାରେ ଏହି ଚଟଂକତା ଯୋଗୁଁ ରାଜ୍ୟ ରାଜକୋଷରୁ ପ୍ରାୟ ୩୦ କୋଟିରୁ ଉର୍ଦ୍ଧ ଟଙ୍କା ବାଟ ମାରଣା କରିବାର ମସୁଧା କରାଯିବା ସହିତ ପ୍ରତି ବର୍ଷ ୫ କୋଟିରୁ ଉର୍ଦ୍ଧ୍ୱ ବିଦ୍ୟୁତ ଶୁଳ୍କ ସରକାର ବହନ କରିବେ ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତି । ଟେଣ୍ଡର କାଗଜରେ ପ୍ରତି ୟୁନିଟ୍‌ଟ୍ୱା କ୍ଲଷ୍ଟର ପାଇଁ ୧ଲକ୍ଷ ୩୪ ହଜାର ୮ଶହ ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ବର୍ତ୍ତମାନ ବଜାର ମୂଲ୍ୟ ଅନୁଯାୟୀ ଏହା ୧ ଲକ୍ଷ ଟଙ୍କାରୁ ମଧ୍ୟ କମ୍ ହେବ । ଅର୍ଥାତ ପ୍ରତି ୟୁନିଟ୍ ବା କ୍ଲଷ୍ଟର ପିଛା ୩୦ ରୁ ୪୦ ଶତାଂଶ ଅଧିକ ମୂଲ୍ୟ ଟେଣ୍ଡରରେ ଉଲ୍ଲେଖ ଅଛି । ଏ ବାବଦରେ ରାଜ୍ୟ ସରକାର କ୍ଷତି ସହିଲା ବେଳେ, ନେତା, ମନ୍ତ୍ରୀ ଓ ଅଫିସର ମାନଙ୍କର ପକେଟ୍‌କୁ ଗରମ କରିବାର ଏହା ଏକ ସୁଚିନ୍ତିତ ଯୋଜନା ବୋଲି କଂଗ୍ରେସ ଅଭିଯୋଗ ଆଣିଛି ।

ଏକ ବିଚିତ୍ର କଥା ମଧ୍ୟ ଏହି ଟେଣ୍ଡର ବିଜ୍ଞପ୍ତିରେ ଦେଖିବାକୁ ମିଳିଛି । ମାତ୍ର ୫ଟି କମ୍ପାନିଙ୍କୁ ଯଥା:- ବଜାଜ, ଫିଲିପ୍ସ, କ୍ରମ୍ପଟନ୍, ହାଭେଲ୍ସ, ସୂର୍ଯ୍ୟା ରୋଶନୀ ଏଲଇଡି ଲାଇଟ ଯୋଗଣ ପାଇଁ କେବଳ ଅନୁମୋଦନ କରାଯାଇଛି । ସମାନ ଗୁଣବତ୍ତା ଥିବା ଅନ୍ୟ କୌଣସି ସଂସ୍ଥାର ଏଲିଇଡି ଲାଇଟ ଯୋଗାଣ ପାଇଁ କିଛି ସୁଯୋଗ ରଖାଯାଇ ନାହିଁ । ଟେଣ୍ଡରରେ ରହିଥିବା ସର୍ତ୍ତ ପୂରଣ କରିବାକୁ ସକ୍ଷମ ଥିବା ସର୍ବଭାରତୀୟ ସ୍ତରର ଅନ୍ୟ ବଡ଼ ବଡ଼ କମ୍ପାନ ଗୁଡ଼ିକୁ କାହିଁକି ଏଲଇଡି ଲାଇଟ ଯୋଗାଣ ପାଇଁ ଅନୁମତି ଦିଆଯାଇ ନାହିଁ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି । ଏହି ୫ଟି କମ୍ପାନୀ ଭିତରୁ ସୂର୍ଯ୍ୟା ରୋଶନୀର ମାଲିକ ଜଣେ ବିଜେପି ଏମ୍.ପି । ଟେଣ୍ଡର ପାଇଁ ଏହି କମ୍ପାନୀକୁ ଯୋଗ୍ୟ କରାଯିବା ପଛରେ କଣ ରହସ୍ୟ ଅଛି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି । ନିର୍ଦ୍ଦିଷ୍ଟ ଭାବେ ସରକାର କଣ ପାଇଁ ୫ଟି କମ୍ପାନି ପ୍ରତି ଅନୁକମ୍ପା ଦେଖାଉଛନ୍ତି ତାହା ତଦନ୍ତସାପେକ୍ଷ । ସରକାର ସବୁ କଥାରେ ସ୍ୱଚ୍ଛ ଶାସନ କଥା କହୁଥିବାବେଳେ ୧୫୦ କୋଟି ଟଙ୍କାର ଟେଣ୍ଡରରେ ଚଟଂକତା ତାଙ୍କର ସ୍ୱଚ୍ଛ ଶାସନକୁ ପଦାରେ ପକାଇଛି । ନିର୍ଦ୍ଦିଷ୍ଟ କମ୍ପାନିର ଏଲଇଡିରେ ଟେଣ୍ଡର ପ୍ରକ୍ରିୟା ସୀମିତ ନ ରଖି ସର୍ତ୍ତପୂରଣ କରୁଥିବା ସବୁ କମ୍ପାନିକୁ ସୁଯୋଗ ଦିଆଯିବା ପାଇଁ ବ୍ୟବସ୍ଥା କରାଯିବା ଉଚିତ । ଏଥି ସହିତ କମ୍ ଖର୍ଚ୍ଚରେ କିଭଳି ଉଚ୍ଚ ଗୁଣବତ୍ତାର ଏଲଇଡି ଲାଇଟ ଯୋଗାଣ ହୋଇ ପାରିବ ତାହା ସରକାର ସୁନିଶ୍ଚିତ କରିବା ଦରକାର । ଏଭଳି ସ୍ଥିତିରେ ଏଲଇଡି ଲାଇଟ ଟେଣ୍ଡର ରଦ୍ଦ କରାଯାଉ । କେତେକ କମ୍ପାନି ବା ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥକୁ ନ ଦେଖି ଜନସାଧାରଣଙ୍କ ସ୍ୱାର୍ଥ ତଥା ସରକାରୀ ଅର୍ଥର ସୁରକ୍ଷା ପାଇଁ ଏଲଇଡି ଲାଇଟ ଯୋଗାଣ ସର୍ତ୍ତରେ ଆବଶ୍ୟକ ସଂଶୋଧନ କରି ସାନି ଟେଣ୍ଡର ନୋଟିସ୍ ଜାରିକରିବାକୁ କଂଗ୍ରେସ ପକ୍ଷରୁ ଦାବୀ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀ ରେ ପିସିସି ମୁଖପାତ୍ର ଶ୍ରୀ ଦାସ ଙ୍କ ସହିତ ରାଜ୍ୟ କଂଗ୍ରେସର ପ୍ରବକ୍ତା ମନୋରଂଜନ ଦାସ ମଧ୍ୟ ଉପସ୍ଥିତ ଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Wednesday September 08, 2021 ଭୁବନେଶ୍ୱର ବୁଧବାର, ସେପ୍ଟେମ୍ବର ୦୮,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ପ୍ରଧାନମନ୍ତ୍ରୀ ଆବାସ ଓ ଆଦର୍ଶ ଗୁହାଳ ଯୋଜନାରୁ ବଂଚିତ ମହିଳା ହିତାଧିକାରୀ

ଖଣ୍ଡପଡ଼ା : ଖଣ୍ଡପଡା ବ୍ଲକପ୍ରଶାସନର ଉଦାସୀନତା ସାଙ୍ଗକୁ ରାଣୀପଡା ପଂଚାୟତ କର୍ତୃପକ୍ଷଙ୍କ ଅଣଦେଖା ଯୋଗୁଁ ଜଣେ ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ମିଳୁନି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ । ନୂଆଁଣିଆ ଚାଳ ଛପର ଓ ଝାଟି ମାଟି ଘରେ ବାସ କରୁଥିବା ରାଣୀପଡା ଗ୍ରାମର ଜୟନ୍ତୀ ମାଣିଆଁ ଗତ ୪ବର୍ଷ ଧରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ପାଇବା ପାଇଁ ଆବେଦନ କରି ନିରାଶ ହେବା ପରେ ଏବେ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି । ଉକ୍ତ ମହିଳା ଜଣକ ଅତ୍ୟନ୍ତ ଗରିବ ଶ୍ରେଣୀର ଅଟନ୍ତି । ଗୋପାଳନ କରି ପରିବାରର ଗୁଜୁରାଣ ମେଂଟାଉଥିବା ଏହି ପରିବାର ଅତ୍ୟନ୍ତ ଦୁଃଖ କଷ୍ଟରେ ଦିନ କାଟୁଥିବା ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଜଣାପଡିଛି । ଦାରିଦ୍ର୍ୟର ସୀମାରେଖା ତଳେ ବସବାସ କରୁଥିବା ପ୍ରତ୍ୟେକ ଗରିବ ପରିବାରଙ୍କୁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବାର ବ୍ୟବସ୍ଥା କରିଥିଲେ ହେଁ ଏହି ଯୋଜନାରୁ ବାଦ ପଡିଛନ୍ତି ଜୟନ୍ତୀ । ଏପରିକି ଆଦର୍ଶ ଗୁହାଳ ଯୋଜନାରେ ମଧ୍ୟ ଉକ୍ତ ପରିବାରକୁ ଗୁହାଳ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ନଥିବାରୁ ଏ ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି । ରାଣୀପଡା ପଂଚାୟତରେ ଅନେକ ଥିଲା ବାଲା ଧନିକ ଶ୍ରେଣୀର ବ୍ୟକ୍ତି ବିଶେଷଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦିଆଯାଇଥିବା ଅଭିଯୋଗ ହେଉଛି । ତେବେ ସଂପୃକ୍ତ ମହିଳା ହିତାଧିକାରୀଙ୍କୁ ରାଣୀପଡା ପଂଚାୟତ କର୍ତୃପକ୍ଷ ଅଣଦେଖା କରିବାର କାରଣ କଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଥିପ୍ରତି ଖଣ୍ଡପଡା ବିଡିଓ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ତେବେ ଅଭିଯୋଗ ପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି ଖଣ୍ଡପଡା ବିଡିଓ ଅରୁଣୀମା ସାହୁ ।

## ସେପ୍ଟେମ୍ବର ସର୍ବଭାରତୀୟ ଧର୍ମଘଟ

ଭୁବନେଶ୍ୱର : ନୂତନ ଶିକ୍ଷା ନୀତିର ସଂଶୋଧନ, ଅଙ୍ଗନୱାଡ଼ି କର୍ମୀଙ୍କ ନିଯୁକ୍ତିର ସର୍ତ୍ତାବଳି, ପ୍ରାଥମିକ ଶିକ୍ଷକ ପଦବୀର ମାନ୍ୟତା, ଆଶା କର୍ମୀ ଓ ମଧ୍ୟାହ୍ନ ଭୋଜନରେ କାର୍ଯ୍ୟ କରୁଥିବା ପାଚିକା ମାନଙ୍କର ଦରମା ବୃଦ୍ଧି, ଘରୋଇକରଣ ଓ ଛଟେଇ ପ୍ରତିବାଦରେ ଆସନ୍ତା ସେପ୍ଟେମ୍ବର ୨୪ ରେ ସର୍ବଭାରତୀୟ ଧର୍ମଘଟ କରାଯିବ ବୋଲି ଆଜି କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ପାଖରୁ ଘୋଷଣା କରାଯାଇଛି । ଆସନ୍ତା ତା. ୮ ତାରିଖରୁ ସ୍କିମି କର୍ମୀମାନେ ଷ୍ଟ୍ରାଇକ୍ ନୋଟିସ ଦେବେ। ୨୪ ତାରିଖରେ ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ଧର୍ମଘଟ କରାଯିବା ସହିତ ପ୍ରଧାନମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯିବ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ବୈଠକରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ମହିଳା ସଭାନେତ୍ରୀ ପ୍ରଣତି ମିଶ୍ର, ଏ.ଆଇ.ଟି.ୟୁ.ସିରର ବିଜୟ ଜେନା, ଏଚ.ଏମ୍.ଏସ୍. ବି.ପି. ଦାସ, ସି.ଆଇ.ଟି.ୟୁ.ର ପୁଷ୍ପ ଦାସ, ସତ୍ୟାନନ୍ଦ ବେହେରା, ଏ.ଆଇ.ୟୁ.ଟି.ୟୁ.ସିର ନିରଞ୍ଜନ ମହାନ୍ତି, ଏ.ଆଇ.ସି.ସି.ଟି.ୟୁ.ର ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡ଼ା ଉପସ୍ଥିତ ରହି ଆଗାମୀ ୨୪ ସେପ୍ଟେମ୍ବରକୁ ସଫଳ କରିବା ଲାଗି ଆହ୍ୱାନ ଦେଇଛନ୍ତି ଓ ୨୭ ସେପ୍ଟେମ୍ବରରେ କୃଷି ଆଇନ ବାତିଲ ଦାବିରେ ଭାରତ ବନ୍ଦକୁ ସଫଳ କରିବା ଲାଗି ମଧ୍ୟ ସମସ୍ତ ଶ୍ରମିକ ସଂଗଠନ ଭାରତ ବନ୍ଦରେ ସକ୍ରିୟ ଅଂଶ ଗ୍ରହଣ କରିବେ ବୋଲି କହିଛନ୍ତି ।

## ଅକ୍ଟୋବର ୨ରେ ବାରିଗାଁ ମା' ଧନେଇ ପୀଠରୁ ନବୀନ ନିବାସ ପର୍ଯ୍ୟନ୍ତ ପଦଯାତ୍ରା

ଆନନ୍ଦପୁର: କେନ୍ଦୁଝର ଜିଲ୍ଲାର ବିକାଶ ନିମନ୍ତେ ୪ ଦଫା ଦାବି ନେଇ ଅକ୍ଟୋବର ୨ରୁ ବାରିଗାଁ ମା' ଧନେଇ ପୀଠରୁ ଭୁବନେଶ୍ୱର ନବୀନ ନିବାସ ପର୍ଯ୍ୟନ୍ତ ଏକ ପଦଯାତ୍ରା ଅନୁଷ୍ଠିତ ହେବ । ଏଥି ନିମନ୍ତେ ଆଜି ରଘୁନାଥ ମନ୍ଦିରରେ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମା' ଧନେଇ ସେବା ସଂଘର ସଭାପତି ବିଷ୍ଣୁପ୍ରସାଦ ବାରିକ, ଐଶ୍ୱର୍ଯ୍ୟା ଫାଉଣ୍ଡେସନର ଐଶ୍ୱର୍ଯ୍ୟା ରାଣୀ, ବିପ୍ର କୁମାର ସାହୁ, ମା' ମଙ୍ଗଳା ଫାଉଣ୍ଡେସନ୍ ଟୋଲଙ୍ଗପଡାର ଶେଷଦେବ ଓଝା, ଘଷିପୁରା ମା' ମଙ୍ଗଳା ପାଉଣ୍ଡେସନର ତୋଫାନ କୁମାର ସାହୁ, ଫକୀରପୁରର ରୁଦ୍ର ନାରାୟଣ ଜେନା, ହିଂମାଂଶୁ ଶେଖର ଚୌଧୁରୀ, ମୁଗୁପୁରର ସେଫ୍ଟି ହ୍ୟାଣ୍ଡ ବିଶ୍ୱଜିତ ଦାସ, ବିଶ୍ୱଜିତ ସାହୁ, ଚିନ୍ମୟ ସାହୁ, ଅଭୟ ସାହୁ ପ୍ରମୁଖ ଯୋଗ ଦେଇ କେନ୍ଦୁଝର ଜିଲ୍ଲାର ବିକାଶ ପାଇଁ ପଦଯାତ୍ରାକୁ ପୂର୍ଣ୍ଣ ମାତ୍ରାରେ ସମର୍ଥନର ହାତ ବଢାଇ ଥିଲେ । ଶେଷରେ ମା' ଧନେଇ ସେବା ସଂଘର ସଦସ୍ୟ ଆଶୁତୋଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁର୍ଗାମୂର୍ତ୍ତିର ଉଚ୍ଚତା ଓ ଦର୍ଶନରୁ କଟକଣା ହଟାଯାଉ : ଭୁବନେଶ୍ୱର ଭସାଣୀ ଉତ୍ସବ ସମିତିର ସରକାରଙ୍କୁ ଅନୁରୋଧ




ଭୁବନେଶ୍ୱର : ମା' ଦୁର୍ଗାଙ୍କ ମୂର୍ତ୍ତିର ଉଚ୍ଚତା ଓ ଶ୍ରଦ୍ଧାଳୁଙ୍କ ଦର୍ଶନ ଉପରେ ଲାଗୁ କରାଯାଉଥିବା କଠୋର କଟକଣାକୁ କୋହଳ କରାଯାଉ । ବିଭିନ୍ନ ମନ୍ଦିର ଓ ଧର୍ମାନୁଷ୍ଠାନମାନଙ୍କରେ ଯେମିତି ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ କରିବାକୁ ସୁଯୋଗ ମିଳୁଛି, ଦୂର୍ଗାପୂଜା ମଣ୍ଡପରେ ଠିକ୍ ସେମିତି ଅନୁମତି ମିଳୁ । ଶ୍ରଦ୍ଧାଳୁମାନେ କରୋନା କଟକଣାରେ ମା'ଙ୍କୁ ମଣ୍ଡପରେ ଦର୍ଶନ କରନ୍ତୁ ବୋଲି ଆଜି ଭୂବନେଶ୍ୱର ଭସାଣୀ ଉତ୍ସବ ସମିତି ପକ୍ଷରୁ ସହିଦନଗର ଦୂର୍ଗାମଣ୍ଡପଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କୁ ଏଭଳି ଅନୁରୋଧ କରାଯାଇଛି । ସମିତିର ସାଧାରଣ ସମ୍ପାଦକ ହରିଶ ପ୍ରସାଦ ରଥ କହିଛନ୍ତି ଯେ, ଏବେ କରୋନା କଟକଣାରେ ଶ୍ରଦ୍ଧାଳୁମାନେ ମନ୍ଦିରକୁ ଯାଇ ଦିଅଁ ଦର୍ଶନ କରିପାରୁଛନ୍ତି ଅଥଚ ଦୂର୍ଗାପୂଜା ମଣ୍ଡପରେ ସରକାର ଦର୍ଶନ କଟକଣା ଲାଗୁ କରିଛନ୍ତି । ସେହିପରି ମା'ଙ୍କ ମୂର୍ତ୍ତିର ଉଚ୍ଚତାରେ କଟକଣା କ'ଣ ପାଇଁ କରାଯାଉଛି ବୋଲି ସେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ତେଣୁ ମନ୍ଦିର ଭଳି ସବୁ ଦୂର୍ଗାପୂଜା ମଣ୍ଡପରେ ଶ୍ରଦ୍ଧାଳୁମାନଙ୍କୁ ମା'ଙ୍କ ଦର୍ଶନ ଅନୁମତି ମିଳୁ ବୋଲି ସେ ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଭୂବନେଶ୍ୱର ଭସାଣୀ ଉତ୍ସବ ସମିତିର ସଭାପତି ଡଃ ଜଗନ୍ନାଥ ମହାପାତ୍ର, ସାଧାରଣ ସମ୍ପାଦକ ହରିଶ ପ୍ରସାଦ ରଥ, ଉପସଭାପତି ସୁରେଶ ଚନ୍ଦ୍ର ରାଉତରାୟ ଓ ଦିଲ୍ଲୀପ ଦାଶବର୍ମା, ସମ୍ପାଦକ ଶିବ ଛୋଟରାୟ, ଝାରପଡା ଦୂର୍ଗାପୂଜା ସମିତି ସାଧାରଣ ସମ୍ପାଦକ ଧରଣୀଧର ଜେନା, ସହିଦନଗର ଦୂର୍ଗାପୂଜା ସମିତିର ଉପଦେଷ୍ଟା ସରୋଜ କୁମାର ପାତ୍ର ଓ ସମିତିର ଅନ୍ୟାନ୍ୟ କର୍ମକର୍ତା ଯଥା ସୁଦର୍ଶନ ସାହୁ, ସଚ୍ଚିନନ୍ଦନ ନାୟକ ଓ ଶ୍ରୀନିବାସ ରାଓ , କଟକରୋଡ ଦୂର୍ଗାପୂଜା ସମିତି ସଭାପତି ସୁବଳ ବେହେରା ଓ ପ୍ରସନ୍ନ କୁମାର ଦାସ, ପଳାଶୁଣୀ ଦୂର୍ଗାପୂଜା ସମିତିର ଉପସଭାପତି ରମେଶ ଚନ୍ଦ୍ର ସାହୁ, ସତ୍ୟନଗର ଦୂର୍ଗାପୂଜା ସମିତିର ସଭାପତି ରବିନାରାୟଣ ନାୟକ, ଭୀମଟାଙ୍ଗୀ ଦୂର୍ଗାପୂଜା ସମିତିର କର୍ମକର୍ତା ସନତ ମିଶ୍ର, ଚକେଇସିଆଣୀ ଦୂର୍ଗାପୂଜା ସମିତିର କର୍ମକର୍ତା ସୁକାନ୍ତ କୁମାର ଷଡଙ୍ଗୀ, କେସୁରା ଦୂର୍ଗାପୂଜା ସମିତିର ସଭାପତି ପ୍ରହ୍ଲାଦ ପ୍ରଧାନ ଏବଂ ବାଙ୍କୁଆଳ ଦୂର୍ଗାପୂଜା ସମିତିର କର୍ମକର୍ତା ନିର୍ମଳ ଲେଙ୍କାଙ୍କ ସମେତ ଭୂବନେଶ୍ୱର ଦୂର୍ଗାପୂଜା କମିଟିର ଅନେକ ସଦସ୍ୟ ଉପସ୍ଥିତ ଥିଲେ ।

## ସାଧୁ ସନ୍ଥମାନେ ମହନ୍ତ ଭାବେ ଅଭିଷିକ୍ତ କରାଇଲେ ବ୍ରହ୍ମଚାରୀ ଉଦୟ ଦାସଙ୍କୁ



ନେଉଳପୁର :ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅନ୍ତର୍ଗତ ଖଏରା-ଗୁଣ୍ଠୁଣି ଉଦାସ ଯୋଗାଶ୍ରମ ପରିସରରେ ବ୍ରହ୍ମଚାରୀ ଅମରାନନ୍ଦ ଦାସ ମହନ୍ତ ମହାରାଜଙ୍କ ତିରୋଧାନ ଦିବସର ଉନବିଂଶ ଦିବସରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ଶତାଧିକ ସାଧୁସନ୍ଥଙ୍କ ଉପସ୍ଥିତିରେ ସାଧୁମେଳା ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟୁଷରୁ ସାଧୁମାନଙ୍କର ନଗରଭ୍ରମଣ,ସମାଧି ପ୍ରତିଷ୍ଠା,ଆଶ୍ରମର ପ୍ରତିଷ୍ଠାତା ସଂଯୋଗ ଯୋଗୀ ଶ୍ରୀଶ୍ରୀଶ୍ରୀ ଯମୁନା ଦାସଙ୍କ ଷୋଡଶ ଉପଚାର ପୂଜା ସାଧୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଉକ୍ତସମ୍ମିଳନୀରେ ବ୍ରହ୍ମଚାରୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜଙ୍କ ଅଧକ୍ଷତାରେ ଉକ୍ତ ଯୋଗାଶ୍ରମର ନୂତନ ମହନ୍ତ ବ୍ରହ୍ମଚାରୀ ଉଦୟ ଦାସଙ୍କ ମସ୍ତକରେ ସମସ୍ତ ସାଧୁମାନେ ଶିରିପା ମଣ୍ଡନ କରି ଅଭିଷେକ କରାଇଥିଲେ । ଦିବଂଗତ ସାଧୁ ବ୍ରହ୍ମଚାରୀ ଅମରାନନ୍ଦ ଦାସ ମହନ୍ତ ମହାରାଜଙ୍କ ସ୍ମୃତିଚାରଣ କରି ସାଧୁମାନେ ପ୍ରବଚନ ପ୍ରଦାନ କରିଥିଲେ । ଆଶ୍ରମର ବହୁ ଭକ୍ତଙ୍କ ମୁଖ୍ୟ ପୁରୁଖା ଶିଷ୍ୟ ଶ୍ରୀ ଘନଶ୍ୟାମ ଦାସ,ସନ୍ତୋଷ ମିଶ୍ର,ଗଣେଶ୍ୱର ପରିଡା,ଶ୍ୟମସୁନ୍ଦର ଦାସ,ସୁରେନ୍ଦ୍ରନାଥ ନାୟକ,କୁଶାସନ ବାରିକ ,ଜଗନ୍ନାଥ ସ୍ୱାଇଁ,ବ୍ରଜକିଶୋର ସାହୁ,କୈଳାସ ଚନ୍ଦ୍ର ସ୍ୱାଇଁ,କୁଳମଣି ସାହୁ ପ୍ରମୁଖ ସହଯୋଗ କରିଥିଲେ । ରାଧାରମଣ ମଠର ମହାନ୍ତ ଅସୀମାନନ୍ଦ ଦାସ ମହାରାଜ, ମହନ୍ତ ନନ୍ଦ ଦାସ ମହାରାଜ,ସ୍ୱାମୀ ସନ୍ତୋଷ ଶ୍ରୀଚୈତନ୍ୟ, ସ୍ୱାମୀ ଓମାନନ୍ଦ ସରସ୍ୱତୀ, ପର୍ଶୁରାମ ଦାଶ ମହାରାଜ, ଶ୍ରୀଶ୍ରୀଶ୍ରୀ ରାମକୃଷ୍ଣ ଦାଶ, ବାବା ଶ୍ରୀ ଶ୍ରୀ ଅରୂପାନନ୍ଦ ଦାଶ ମହାରାଜ, ଆନନ୍ଦ ଚୈତନ୍ୟ ବ୍ରହ୍ମଚାରୀ, ସ୍ୱାମୀ ଉଦାୟାନନ୍ଦ ପର୍ବତ, ମହନ୍ତ ଅନନ୍ତରାମ ଦାଶ, ଧରମବିର୍ ଦାଶ ମହାରାଜ, ହୃଷିକେଶ ଦାଶ ବାବାଜୀ, ଚାରଣ ଉଦୟନାଥ ସାହୁ, ବିଜୟ ଦାଶ, ବାଉଗ୍ରାହୀ ଦାଶ, ଭକ୍ତ ଚରଣ ଦାଶ, ରାଧେକୃଷ୍ଣ ଦାଶ, ସ୍ୱାମୀ ବିଷ୍ଣୁଗିରି ମହାରାଜ,ସାଧନାର ସୁରୂପର ସଂପାଦକ ଦେବବ୍ରତ ଦେବତା,ଦିଗାମ୍ବର ସନ୍ତୋଷ ଗିରିଜୀ ମହାରାଜ,ଅନନ୍ତ ଗୋପାଳ ମହାରାଜ,ପରାମାନନ୍ଦ ଦାସ,ସ୍ୱାମୀ ସାରସ୍ୱତ ସରସ୍ୱତୀ ବେଦପାଠ କରିଥିଲେ । ଶେଷରେ ସାଧୁ ସ୍ମୃତିସାଗର ସରସ୍ୱତୀ ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ ।

## ବାଇକରେ ପ୍ରେସ ଲେଖି ବୁଲୁଛନ୍ତି ନକଲି ସାମ୍ବାଦିକ

ଖଣ୍ଡପଡ଼ା:ଖଣ୍ଡପଡା ବ୍ଲକ ଅଂଚଳରେ ନକଲି ସାମ୍ବାଦିକଙ୍କ ଦୌରାତ୍ମ୍ୟ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି । ସାମ୍ବାଦିକତା ବୃତିରେ ନଥାଇ ଅନେକ ଯୁବକ ସାଧାରଣରେ ନିଜକୁ ଜଣେ ଜଣେ ସାମ୍ବାଦିକ ବୋଲି ପରିଚୟ ଦେଇ ବାଇକରେ ପ୍ରେସ ଲେଖି ଏଣେତେଣେ ଘୁରି ବୁଲୁଥିବା ନଜରକୁ ଆସୁଛି । ଖାଲି ସେତିକି ନୁହେଁ ଅନେକ ସମୟରେ ଓ୍ୱେବ ମିଡିଆ ଓ ବିଭିନ୍ନ ଗଣ ମାଧମର ସାମ୍ବାଦିକ ବୋଲି ପରିଚୟ ଦେଇ ଉକ୍ତ ନକଲି ସାମ୍ବାଦିକମାନେ ପ୍ରଶାସନିକ ଅଧିକାରୀମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କୁ ଧମକାଇ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହେଉଛି । ଗତ ୨ବର୍ଷ ମଧ୍ୟରେ ଖଣ୍ଡପଡା ଅଂଚଳର ସାମ୍ବାଦିକଙ୍କ ସଂଖ୍ୟା ୨୦ରୁ ଉର୍ଦ୍ଧ ହୋଇଥିବା ଜଣା ପଡିଛି । ଯିଏ ପାରିଲା ସିଏ ବାଇକ ଓ କାରରେ ପ୍ରେସ ଷ୍ଟିକର ମାରି ବୁଲୁଥିବା ନଜରକୁ ଆସୁଛି । ନକଲି ସାମ୍ବାଦିକଙ୍କ କାର୍ଯ୍ୟକଳାପ ପ୍ରତି ସ୍ଥାନୀୟ ପୋଲିସ ପ୍ରଶାସନ ଓ ପ୍ରଶାସନିକ ଅଧିକାରୀମାନେ ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଅବସରରେ ସଚେତନତା ସମାରୋହ : ଖାଦ୍ୟାଭ୍ୟାସରେ ପୋଷଣଯୁକ୍ତ ମାଣ୍ଡିଆ ଜାତୀୟ ଖାଦ୍ୟ ସାମିଲ୍ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ



କେନ୍ଦୁଝର: ଚଳିତ ସେପ୍ଟେମ୍ବର ମାସ ୧ ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଅବସରରେ ସେପ୍ଟେମ୍ବର ୭ ତାରିଖ ମଙ୍ଗଳବାର ଦିନ ଓଡ଼ିଶା ମିଲେଟ୍ ମିଶନ ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ତଥା ଜିଲ୍ଲା ପ୍ରଶାସନ ସହଯୋଗରେ ଦରବାର ହଲ୍‌ଠାରେ ଏକ ସଚେତନତା ସମାରୋହ ଏବଂ ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଠାକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାରୋହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ଉଦ୍‌ବୋଧନ ଛଳରେ ଜନସାଧାରଣ ଖାଦ୍ୟାଭ୍ୟାସରେ ପୋଷଣଯୁକ୍ତ ମାଣ୍ଡିଆ ଜାତୀୟ ଖାଦ୍ୟ ସାମିଲ୍ କରିବାକୁ ଆହ୍ୱାନ ଜଣାଇଥିଲେ । ଭାଷଣ ପ୍ରସଙ୍ଗରେ ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ ଯେ ସ୍ୱାସ୍ଥ୍ୟ ପାଇଁ ପୋଷଣ ଏକାନ୍ତ ଆବଶ୍ୟକ । ସୁସ୍ଥ ସବଳ ନାଗରିକ ରାଜ୍ୟର ତଥା ଦେଶର ସମ୍ପଦ । ଏଣୁ ପୁଷ୍ଟିର ବିକାଶ ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ରାଜ ସରକାର ଓଡ଼ିଶା ମିଲେଟ୍ ମିଶନ ପ୍ରତିଷ୍ଠା କରି ମାଣ୍ଡିଆ ଜାତୀୟ ଖାଦ୍ୟ ଶସ୍ୟର ଅଭିବୃଦ୍ଧି ଓ ଏହାର ବିନିଯୋଗ କରିବା ପାଇଁ ପଦକ୍ଷେପ ନେଇଛନ୍ତି । କେନ୍ଦୁଝର ଜିଲ୍ଲାରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଯୋଗାଇ ଚାଷୀମାନଙ୍କୁ ତାହାର ଉଚିତ୍ ମୂଲ୍ୟ ପ୍ରଦାନର ବ୍ୟବସ୍ଥା କରାଯାଇଛି । ମାଣ୍ଡିଆ ଜାତୀୟ ଖାଦ୍ୟ ଶସ୍ୟର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରାଯାଇ ଖାଦ୍ୟ ପଦାର୍ଥ ତିଆରି କରି ଏହାର ବ୍ୟବହାର ପାଇଁ ପ୍ରାଥମିକତା ଦିଆଯାଇଛି । ଶିଶୁର ଶାରିରୀକ ଓ ମାନସିକ ବିକାଶ ଦିଗରେ ପୃଷ୍ଟି ଓ ପୋଷଣ ଯୁକ୍ତ ଖାଦ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିଶୁ ଓ ମାଆର ପୃଷ୍ଟିର ବିକାଶ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଏତଦ୍‌ବ୍ୟତୀତ ଶିଶୁମାନଙ୍କର ପୌଷ୍ଟିକ ବିକାଶ ପାଇଁ ଡି.ଏମ୍.ଏଫ୍. ତରଫରୁ ଅନେକ ପ୍ରକାର ପଦକ୍ଷେପ ନିଆଯାଇଛି । ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ଖାଦ୍ୟ ତାଲିକାରେ ମାଣ୍ଡିଆ ଲଡ୍ଡୁକୁ ସାମିଲ୍ କରାଯାଇଛି । ଶ୍ରମଜିବୀ ମହିଳାମାନେ କାମକୁ ଯିବାବେଳେ ସେମାନଙ୍କ ଶିଶୁର ଯତ୍ନ ଓ ପୃଷ୍ଟି ପାଇଁ କ୍ରେଚ୍ / ମା ଗୃହର ବ୍ୟବସ୍ଥା କରାଯାଇଛି । ଜିଲ୍ଲାରେ ମାଣ୍ଡିଆ ଜାତୀୟ ଖାଦ୍ୟ ଦ୍ରବ୍ୟକୁ ଅଧିକ ଲୋକପ୍ରିୟ କରିବା ନିମନ୍ତେ ଜିଲ୍ଲାସ୍ତରରେ ମାଣ୍ଡିଆ କାଫେ ନିର୍ମାଣ କରାଯାଉଛି । ଏତଦ୍‌ବ୍ୟତୀତ ପ୍ରତି ବ୍ଲକ୍ ସଦର ମହକୁମାରେ ଏହାକୁ ସଂପ୍ରସାରିତ କରାଯିବ । ଜିଲ୍ଲାରେ ପୋଷଣ ଯୁକ୍ତ ଖାଦ୍ୟ ଅଭ୍ୟାସ ନିମନ୍ତେ ଜିଲ୍ଲାପାଳ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ । ସମ୍ମାନିତ ଅତିଥିଭାବେ ଯୋଗଦେଇ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ଅଧିକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡାଃ କିଶୋର କୁମାର ପୃଷ୍ଟି ବକ୍ତବ୍ୟ ପ୍ରଦାନ କରି ପୋଷଣର ମହତ୍ୱ, ଆବଶ୍ୟକତା ଓ ଉପକାର ସଂପର୍କରେ ଆଲୋକପାତ କରି, ଏହାର ବାର୍ତା କେମିତି ଜନସାଧାରଣଙ୍କ ନିକଟରେ ପହଂଚା ଯାଇପାରିବ ଏବଂ ସେମାନେ କିପରି ଉପକୃତ ହେବେ, ସେ ସଂପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱରୋପ କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ଅନୁସୂୟା ସାହୁ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି ଶିଶିର ଷଡଙ୍ଗୀ, ୟୁନିସେଫ୍‌ର ଜିଲ୍ଲା ସଂଯୋଜକ ଗୋବିନ୍ଦ ସେଠୀ ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରି ରାଷ୍ଟ୍ରୀୟ ପୋଷଣ ମାସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ବିଶଦ ଭାବେ ଆଲୋଚନା କରି ପୋଷଣ ଯୁକ୍ତ ଖାଦ୍ୟର ଘରୋଇ ବ୍ୟବହାର ପାଇଁ ଲୋକମାନଙ୍କୁ ଉତ୍ସାହିତ କରାଯିବା ଦିଗରେ ଆଲୋଚନା କରିଥିଲେ । ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ ସଂଜୀବ ବାରିକ ପ୍ରାରମ୍ଭରେ ସ୍ୱାଗତ ସମ୍ଭାଷଣ କରିବା ସହିତ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ । ଶେଷରେ ଏ.ଡି.ଏସ୍.ଡବ୍ଲ୍ୟୁ.ଓ. ଗୁଣାକାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଓଡିଶା ମିଲେଟ୍ ମିଶନର ଶିବ ଶଙ୍କର ବିଭାର, ସୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଓଡିଶା ମିଲେଟ୍ ମିଶନ ଆନୁକୂଲ୍ୟରେ ଏକ ଖାଦ୍ୟମେଳା ଆୟୋଜିତ ହୋଇଥିଲା ଓ ଏଥିରେ ମାଣ୍ଡିଆ ଜାତୀୟ ପୃଷ୍ଟି ଶସ୍ୟ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray